# ଜାଗୃତି

୧


## କୃଷକ ଉତ୍ପାଦକ ସଙ୍ଗଠନର ପରିଚୟ ଏବଂ ପ୍ରାସଙ୍ଗିକତା



cysd
Enable-Empower-Include...

apmas

# ସମବାୟ ନୀତିସମୂହ


ସ୍ୱେଚ୍ଛାକୃତ ଏବଂ ମୁକ୍ତ ସଦସ୍ୟତା ଗ୍ରହଣ
ଏଫ୍ ପି ଓ
ଗଣତାନ୍ତ୍ରିକ ସଭ୍ୟ ନିୟନ୍ତ୍ରଣ
ସାଧାରଣ ପରିଷଦ ବୈଠକ
ସଦସ୍ୟମାନଙ୍କର ଆର୍ଥିକ ଅଂଶଗ୍ରହଣ
ସ୍ୱୟଂଶାସନ ଓ ସ୍ୱାଧୀନତା
ଏଫ୍ ପି ଓ
ଶୀକ୍ଷା, ତାଲିମ୍ ଏବଂ ସୂଚନା
ସମବାୟମାନଙ୍କ ମଧ୍ୟରେ ସହଯୋଗ
ସମବାୟ
ଗୋଷ୍ଠି ପାଇଁ ଦରଦୀ ମନୋଭାବ
ସ୍ୱାସ୍ଥ୍ୟ ଶିବିର


୧

ମଡ୍ୟୁଲ

# ଜାଗୃତି

## କୃଷକ ଉତ୍ପାଦକ ସଙ୍ଗଠନର ପରିଚୟ ଏବଂ ପ୍ରାସଙ୍ଗିକତା

କୃଷକମାନଙ୍କର ଉତ୍ପାଦକ ସଂଗଠନର
ନିର୍ଦ୍ଦେଶକମଣ୍ଡଳୀମାନଙ୍କ ପାଇଁ ଶିକ୍ଷଣ ପେଟିକା



DGRV apmas cysd Enable-Empower-Include...

# ଜାଗୃତି ୧

## କୃଷକ ଉତ୍ପାଦକ ସଙ୍ଗଠନର
## ପରିଚୟ ଏବଂ ପ୍ରାସଙ୍ଗିକତା

ପ୍ରଥମ ସଂସ୍କରଣ – ଫେବୃୟାରୀ ୨୦୨୧

ମୂଲ୍ୟ – ୧୦୦ ଟଙ୍କା ମାତ୍ର

ପୁନଃପ୍ରକାଶନର ଅଧିକାର ସଂରକ୍ଷିତ । ଏହି ପୁସ୍ତିକା ଏପିମାସ୍‌ର ଅନୁମତିରେ ଏପିମାସ୍ ଓ ଡି.ଜି.ଆର୍.ଭି.ର ଲୋଗ ଥାଇ ପୁନଃପ୍ରକାଶନ ହୋଇପାରିବ ।

ଏହି ବହି ପାଇଁ, ଆପଣ ଏପିମାସ୍ ଅଫିସକୁ ଫୋନ୍ କିମ୍ବା ଇ-ମେଲ୍ ପଠାଇ ଯୋଗାଯୋଗ କରିପାରିବେ ।

**ଅନୁବାଦ**

cysd
Enable-Empower-Include...

**ସି ୱାଇ ଏସ୍ ଡ଼ି**

ଇ-୧, ଇନଷ୍ଟିଚ୍ୟୁସନାଲ ଏରିଆ, ଗଙ୍ଗାଧର ମେହେର ମାର୍ଗ
ପୋଷ୍ଟ - ଆର.ଆର.ଏଲ୍., ଭୁବନେଶ୍ୱର - ୭୫୧୦୧୩ ଓଡ଼ିଶା
ଫୋନ୍ - ୦୬୭୪ ୨୩୦୦୯୮୩, ୨୩୦୧୭୨୫
ଇ ମେଲ୍ - cysd@cysd.org / info@cysd.org
ୱେବ୍‌ସାଇଟ୍ - www.cysd.org

**ପ୍ରକାଶକ:**

apmas

**ମହିଳା ଅଭିବୃଦ୍ଧି ସୋସାଇଟି (ଏପିମାସ୍)**

ପ୍ଲଟ୍ ନଂ – ୧୧ ଏବଂ ୧୨, ହୁଡା କଲୋନି, ଟନେସା ନଗର, ମନିକୋଣ୍ଡା,
ହାଇଦ୍ରାବାଦ – ୫୦୦୦୮୯, ତେଲେଙ୍ଗାନା, ଭାରତ
ଅଫିସ୍ ଫୋନ୍ – ୦୮୪୧୩-୪୦୩୧୧୮/୦୮୪୧୩-୪୦୩୧୨୦
ଇ-ମେଲ୍ ଆଇଡି : info@apmas.org
ୱେବ୍‌ସାଇଟ୍ – www.apmas.org

# କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ପାଇଁ ଆତ୍ମ-ଶିକ୍ଷଣ ପେଟିକା କାହିଁକି ?

ଯଦିଓ ଭାରତୀୟ ଚାଷୀ ବା କୃଷକମାନେ ଅନେକଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ତଥାପି ବିଗତ ଦଶନ୍ଧିରେ "କୃଷି" ଏକ ଗୁରୁତ୍ୱପୂର୍ଣ୍ଣ  ଭୂମିକା ଲାଭ କରିଛି । ପଲିସି ପ୍ରସ୍ତୁତକାରୀ ଏବଂ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଙ୍କ ଦ୍ୱାରା କୃଷକମାନଙ୍କୁ ସେମାନଙ୍କ ସମୂହ ଯଥା; ଚାଷୀ/ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ (FPO) କୃଷକମାନଙ୍କ ଉନ୍ନତି ପାଇଁ ସର୍ବାଧିକ ଆନୁଷ୍ଠାନିକ ବ୍ୟବସ୍ଥା ରୂପେ ଗଢ଼ି ଉଠିଛି । ଆସନ୍ତା ୫ ବର୍ଷ ମଧ୍ୟରେ ଭାରତବର୍ଷରେ ଚାଷୀମାନଙ୍କର ଆୟ ଦ୍ୱିଗୁଣିତ କରିବାପାଇଁ କୃଷକମାନଙ୍କର ଉତ୍ପାଦକ ସଂଗଠନ ବିଚାର ଅଦାଲତର ବିନା ସାହାଯ୍ୟରେ ଏକ ରଣନୀତି । ଭାରତବର୍ଷରେ ୫୦୦୦ କୃଷକ ଉତ୍ପାଦକ ସଂଗଠନଗୁଡିକ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଗଠନ କରାଯାଇ ସୁଦୃଢ଼ କରାଯାଉଅଛି ଏବଂ ଆହୁରି ଅନେକ କୃଷକ ଉତ୍ପାଦକ ସଂଗଠନ ଗଠନ କରାଯାଉଅଛି । ତେଲୁଗୁ ଭାଷା ବାସୀ ରାଜ୍ୟ ଯଥା; ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ୭୦୦ କୃଷକ ଉତ୍ପାଦକ ସଂଗଠନ ଅଛି । କୃଷକ ଉତ୍ପାଦକ ସଂଗଠନ ଗଢ଼ିବା ଆନ୍ଦୋଳନ ଏ ପର୍ଯ୍ୟନ୍ତ ଜନ୍ମହୋଇ ବଢୁଥିବା ପର୍ଯ୍ୟାୟରେ ଅଛି ଯାହା ସହିତ ସେଗୁଡିକର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସେମାନଙ୍କର ପୃଷ୍ଠପୋଷକ ମାନଙ୍କ ଉପରେ ନିର୍ଭର କରୁଛନ୍ତି । ଯେଉଁମାନଙ୍କର ଲକ୍ଷ୍ୟ, ବ୍ୟବସାୟିକ ଚିନ୍ତାଧାରା, ପ୍ରଶିକ୍ଷଣ ଏବଂ ଦକ୍ଷତା ସୀମିତ ଅଟେ କାରଣ ସେମାନଙ୍କ ପାଇଁ ଖୁବ୍ କମ୍ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି । ଏକ ବଳିଷ୍ଠ, ନିଷ୍ଠାବାନ୍ ଏବଂ ଉପଯୁକ୍ତ ତାଲିମ୍‌ପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ପାଇବା କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ କଠିନ ବ୍ୟାପାର । କୃଷକ ଉତ୍ପାଦକ ସଂଗଠନ ଅନ୍ୟ କେତେଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛି ଯଥା; ଉତ୍ତମ ସୁଶାସନ, ବ୍ୟବସାୟ ପରିଚାଳନା, ସଫଳ ବ୍ୟବସ୍ଥା ଏବଂ ଅର୍ଥ ଓ ବଜାର ସହିତ ସରକାରୀ ଯୋଜନା ପାଖରେ ପହଞ୍ଚିବା । କୃଷିଜାତ ଦ୍ରବ୍ୟର ମୂଲ୍ୟ ଶୃଙ୍ଖଳ ବିକାଶକୁ ଉତ୍ତମରୂପେ ପ୍ରଭାବିତ କରିବା, କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ ଦୁରୁହ ବ୍ୟାପାର ଅଟେ ।

ନିର୍ଦ୍ଦେଶକମଣ୍ଡଳୀମାନଙ୍କର ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ହେଉଛି ମୌଳିକ ଏବଂ କୃଷକ ଉତ୍ପାଦକ ସଂଗଠନର ସଫଳତା ଏବଂ ସେମାନେ ବ୍ୟବସାୟିକ ଅନୁଷ୍ଠାନ ରୂପେ ଗଢ଼ି ଉଠିବା ପାଇଁ ସେମାନଙ୍କର କ୍ଷମତା ବୃଦ୍ଧି ସହିତ ସେମାନଙ୍କ ସଭ୍ୟ ଚାଷୀମାନଙ୍କୁ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଚାଷରୁ ଲାଭାଂଶ ବୃଦ୍ଧି କରିବା ପାଇଁ ଏହା ଆନୁସାଙ୍ଗିକ ଭାବରେ ଆବଶ୍ୟକ ହୁଏ । ଲଗାତର ପ୍ରଶିକ୍ଷଣ ଏବଂ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ, କର୍ମଚାରୀମାନଙ୍କୁ କୃଷକ ଉତ୍ପାଦକ ସଂଗଠନ ବିକାଶ କେନ୍ଦ୍ର ଜରିଆରେ ପ୍ରାଥମିକତା ଅଟେ ଯାହାକି ଆମ୍ଭେ ଅନେକଗୁଡିଏ କୃଷକ ଉତ୍ପାଦକ ସଂଗଠନ ଗଠନ ଓ ଅନ୍ୟ ମାନଙ୍କଦ୍ୱାରା ଗଠିତ କୃଷକ ଉତ୍ପାଦକ ସଂଗଠନଗୁଡିକୁ ପଥପ୍ରଦର୍ଶନ କାର୍ଯ୍ୟରେ ସଂଶ୍ଳିଷ୍ଟ ଅଛୁ ଏବଂ ସେମାନଙ୍କୁ ଉପଯୁକ୍ତ କୃଷିଜାତ ଦ୍ରବ୍ୟ ମୂଲ୍ୟ ଶୃଙ୍ଖଳ ବିକାଶ ପ୍ରଚେଷ୍ଟା ଗୁଡ଼ିକରେ ସଂଶ୍ଳିଷ୍ଟ ହେବାକୁ ଚେଷ୍ଟା ଜାରି ରଖିଛୁ ।

ପୂର୍ବରୁ ଥିବା କୃଷକ ଉତ୍ପାଦକ ସଂଗଠନ ପାଇଁ ପ୍ରଶିକ୍ଷଣ ପେଟିକା ଓ ପ୍ରଶିକ୍ଷକଙ୍କପାଇଁ ସମୀକ୍ଷା କଲାବେଳେ, ଆମ୍ଭେ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ନିମନ୍ତେ ଗୁଣାତ୍ମକ, ପ୍ରୟୋଗାତ୍ମକ ଏବଂ ବ୍ୟବହାର ଉପଯୋଗୀ ବା ବ୍ୟବହାରକାରୀଙ୍କ ସାଥୀ ଆତ୍ମ-ଶିକ୍ଷଣ ପେଟିକା ପାଇଲୁ ନାହିଁ । ଆମ୍ଭର ସ୍ୱୟଂ ସହାୟକ ସଂଗଠନ ପାଇଁ ନିଜର ପରିଚାଳନା ଉପରେ ବହୁତ ଦିନର ଅଭିଜ୍ଞତାକୁ ଭିତ୍ତିକରି ଆତ୍ମ-ଶିକ୍ଷଣ ପେଟିକା ପ୍ରସ୍ତୁତି ଏବଂ ୧୮ ବର୍ଷର ସଂଗଠନ ସୁଦୃଢ଼ କରି ବା ତାଲିମ୍‌ର ଅନୁଭୂତିକୁ ପାଥେୟ କରି ଶ୍ରୀ ମଧୁମୂର୍ତ୍ତି

ଏବଂ ଶ୍ରୀମତୀ ରମାଲକ୍ଷ୍ମୀଙ୍କ ନେତୃତ୍ୱରେ ଏପିମାସ୍‌ର ଟିମ୍ ଏକ ବର୍ଷରୁ ଅଧିକ ସମୟ ଧରି ସମ୍ବଳ ଅନୁଷ୍ଠାନ, ସହଭାଗୀ ବେସରକାରୀ ଅନୁଷ୍ଠାନ, ପ୍ରଶିକ୍ଷଣ ଅନୁଷ୍ଠାନ ଏବଂ କୃଷକ ଉତ୍ପାଦକ ସଂଗଠନର ଆବଶ୍ୟକତା ଏବଂ ଗୁରୁତ୍ୱ, ଅନୁଷ୍ଠାନର ଢାଞ୍ଚା, ସଦସ୍ୟତା, ନେତୃତ୍ୱ ଏବଂ ସ୍ୱଶାସନ, ପରିଚାଳନା, ପଞ୍ଜୀକରଣ ଏବଂ ଆଇନ୍‌ଭିତ୍ତିକ ନିୟମ ପାଳନ, ବ୍ୟବସାୟିକ ଯୋଜନା, ଉତ୍ପାଦନ ବୃଦ୍ଧି, ସାମୂହିକ ବଜାର (ସାଧନ ପ୍ରବେଶ ଓ ଫଳାଫଳ ପ୍ରାପ୍ତ), କୃଷିଭିତ୍ତିକ ସେବା କେନ୍ଦ୍ର ପରିଚାଳନା, ଆର୍ଥିକ ଏବଂ ହିସାବ କିତାବର ପରିଚାଳନା ସମ୍ବନ୍ଧିତ ବିଷୟବସ୍ତୁ ଥାଇ କ୍ରମାନ୍ୱୟରେ ୧ ୨ଟି ସହଜ ଓ ବ୍ୟବହାର-ଯୋଗ୍ୟ ଆତ୍ମ-ଶିକ୍ଷଣ ପେଟିକା ପ୍ରସ୍ତୁତ କରିଛନ୍ତି ।

ଯେହେତୁ କୃଷକ ଉତ୍ପାଦକ ସଂଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ଚିରସ୍ଥାୟୀ ବ୍ୟବସାୟିକ ଅନୁଷ୍ଠାନ, ତେଣୁ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସବୁବେଳେ ଦକ୍ଷତା ବିକାଶର ଆବଶ୍ୟକତା ରହିଛି । ଏହାର ମୁଖ୍ୟ କାରଣ ହେଲା ଏହି ନିର୍ଦ୍ଦେଶକମଣ୍ଡଳୀ ଓ କର୍ମକର୍ତ୍ତା କିଛି ବର୍ଷ ଅନ୍ତରରେ ନିର୍ବାଚନର ସମ୍ମୁଖୀନ ହୁଅନ୍ତି । ଆମ୍ଭେ ନିଶ୍ଚିତ ଯେ, ଏହି ସହଜ ବ୍ୟବହାର ଯୋଗ୍ୟ, ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଂଗଠନକୁ ସୁଦୃଢ଼ କରିବା ଏବଂ ସେମାନଙ୍କ ସଦସ୍ୟମାନଙ୍କୁ ସେବା ଯୋଗାଇବା ପାଇଁ ବ୍ୟବହାର ଉପଯୋଗୀ ହୋଇପାରିବ । କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକମାନେ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କୁ ଏହି ଆତ୍ମ-ଶିକ୍ଷଣ ପେଟିକାରୁ ଶିକ୍ଷାପ୍ରାପ୍ତ କରିବା ପାଇଁ ସହାୟତା କରିପାରିବେ । କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକ ଏବଂ ଅନ୍ୟ ସଂପୃକ୍ତ ବ୍ୟକ୍ତିବିଶେଷ ଏହି କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମ-ଅଧ୍ୟୟନ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ କରିବା ସହିତ କୃଷକ ଉତ୍ପାଦକ ସଂଗଠନକୁ ଏକ ସ୍ୱୟଂ-ପରିଚାଳିତ ଏବଂ ସୁଦୃଢ଼ ବ୍ୟବସାୟ ଅନୁଷ୍ଠାନ କରି ଗଢ଼ି ତୋଳିପାରିବେ । ଏପିମାସ ଏହି ଆତ୍ମ-ଅଧ୍ୟୟନ ପେଟିକାକୁ ତେଲୁଗୁ, ଇଂରାଜୀ ଓ ଓଡ଼ିଆରେ ପ୍ରକାଶ କରିବାର ଦାୟିତ୍ୱ ନେଇଛି, ଯାହା ଚାହିଦା ଉପରେ ପର୍ଯ୍ୟବେସିତ । ଏହି ପେଟିକା ଉପଯୁକ୍ତ ଭାବରେ ଅନ୍ୟ ଭାରତୀୟ ଭାଷାରେ ସମ୍ବଳ ଅନୁଷ୍ଠାନ, ରାଜ୍ୟ ସରକାର ଓ ନାବାର୍ଡ ଏବଂ ଅନ୍ୟ ପ୍ରଶିକ୍ଷଣ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ବ୍ୟବହାର କରାଯାଇପାରିବ । ଏପିମାସ୍ ଏହି ପ୍ରଚେଷ୍ଟାକୁ ନିଶ୍ଚିତ ରୂପେ ସହଯୋଗ କରିବ । ଆପଣଙ୍କ ମତାମତ ଅପେକ୍ଷାରେ !

ଧନ୍ୟବାଦ ସହ
ସି.ଏସ୍. ରେଡ଼ି
ମୁଖ୍ୟ କାର୍ଯ୍ୟନିର୍ବାହୀ, ଏପିମାସ୍

# କୃତଜ୍ଞତା

ଦେଶର ଶତକଡା ୭୦ଭାଗ ଲୋକ କୃଷି କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ କୃଷକମାନେ କୃଷିଜାତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ପାଇବା ଆଜି ଦିନରେ ଏକ ଦୁରୁହ ବ୍ୟାପାର । ଚାଷୀକେନ୍ଦ୍ରିକ କୃଷିକୁ ସୁଚାରୁରୂପେ ଆପଣା ଯାଇପାରିନାହିଁ । ଚାଷଜନିତ ବହୁମୁଖୀ ସମସ୍ୟା ଯୋଗୁ ଚାଷପ୍ରତି ଚାଷୀର ଆଗ୍ରହ କମିବାରେ ଲାଗିଛି । ଖୁସିର ଖବର କୃଷକମାନଙ୍କ ଉନ୍ନତି ପାଇଁ ଏବେ କୃଷକ ଉତ୍ପାଦକ ସଙ୍ଗଠନମାନ ଗଢିଉଠୁଛି । କୃଷିଜାତ ଦ୍ରବ୍ୟର ବିକ୍ରିବଟାକୁ ପ୍ରଭାବିତ କରିବା କୃଷକ ଉତ୍ପାଦକ ସଙ୍ଗଠନର ମୌଳିକ ଦାୟିତ୍ୱ ଅଟେ ।

କୃଷକ ଉତ୍ପାଦକ ସଙ୍ଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ବ୍ୟବସାୟିକ ସଙ୍ଗଠନ ।ଏହି ସଙ୍ଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସର୍ବଦା ଦକ୍ଷତା ବିକାଶର ଆବଶ୍ୟକତା ରହିଛି । ଏହି ୬ଟି ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଙ୍ଗଠନକୁ ସୁଦୃଢ କରିବା ଓ ସେମାନଙ୍କର ସଦସ୍ୟମାନଙ୍କୁ ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ । ଏହି ଆତ୍ମ-ଶିକ୍ଷଣ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ ସହିତ ଏହା କୃଷକ ଉତ୍ପାଦକ ସଙ୍ଗଠନଗୁଡିକୁ ସ୍ୱୟଂଚାଳିତ ଏବଂ ଦୃଢ ବ୍ୟବସାୟିକ ସଙ୍ଗଠନ ଭାବେ ଗଢି ତୋଳିବାରେ ସାହାଯ୍ୟ କରିବ ବୋଲି ଆମର ଆଶା ।

ଏପିମାସ୍ (APMAS)ଦ୍ୱାରା ପ୍ରସ୍ତୁତ ୬ଟି ଶିକ୍ଷଣ ପେଟିକାକୁ ଓଡିଆ ଭାଷାରେ ଅନୁବାଦ କରିବା ପାଇଁ ସୁଯୋଗ ପ୍ରଦାନ କରିଥିବାରୁ ଆମ୍ଭେ ସଙ୍ଗଠନକୁ କୃତଜ୍ଞତା ଜ୍ଞାପନ କରୁଅଛୁ । ଏଥିରେ ଶ୍ରୀମତୀ ଭାରତୀ ମହାପାତ୍ରଙ୍କୁ ଅନୁବାଦ ପାଇଁ ଏବଂ ଶ୍ରୀ ନଗେନ୍ଦ୍ର ଆଚାର୍ଯ୍ୟଙ୍କୁ ସଂଶୋଧନ ପାଇଁ ଧନ୍ୟବାଦ ଜଣାଉଛୁ । ଆଶା, ଏହି ଆତ୍ମ-ଶିକ୍ଷଣ ପେଟିକାଗୁଡିକ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ନିଶ୍ଚିତରୂପେ ଉପାଦେୟ ହେବ ।

cysd Enable-Empower-Include...

**ଜଗଦାନନ୍ଦ**
ମାର୍ଗଦର୍ଶକ

# ସୂଚୀପତ୍ର


ଶିକ୍ଷଣ ପେଟିକା ବିଷୟରେ ........................................................................................ ୦୭

କଠିନଶବ୍ଦ (ଆକ୍ରୋନିମ୍‌ସ)........................................................................................ ୦୯

କାର୍ଯ୍ୟକ୍ରମର ପ୍ରାରମ୍ଭିକ ମୂଲ୍ୟାୟନ ........................................................................................ ୧୨

୧ . କୃଷିର ସ୍ଥିତି ଓ ସାମୂହିକ କାର୍ଯ୍ୟର ଆବଶ୍ୟକତା ........................................................................ ୧୩

୨ . କୃଷକ ଉତ୍ପାଦକ ସଙ୍ଗଠନର ଅର୍ଥ, ମୂଲ୍ୟବୋଧ ଓ ନୀତିସମୂହ ............................................... ୨୨

୩. କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ ବୈଶିଷ୍ଟ୍ୟସମୂହ ........................................................................ ୪୧

୪ . କୃଷକ ଉତ୍ପାଦକ ସଙ୍ଗଠନର ପଞ୍ଜିକରଣର ଆବଶ୍ୟକତା ଏବଂ ଗୁରୁତ୍ୱ ........................................... ୪୬

ଶେଷ ମୂଲ୍ୟାୟନ ........................................................................................ ୫୪

# ଶିକ୍ଷଣ ପେଟିକା ବିଷୟରେ

**ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଶିକ୍ଷଣ ପେଟିକା ।**

୧. ଜାଗୃତି - କୃଷକ ଉତ୍ପାଦକ ସଂଗଠନର ପରିଚୟ ଏବଂ ପ୍ରାସଙ୍ଗିକତା

୨. ପରିକଳ୍ପନା - କୃଷକ ଉତ୍ପାଦକ ସଂଗଠନର ଗଠନ ଢାଞ୍ଚା ଓ ରୂପରେଖ

୩. ବିନିମୟ - କୃଷକ ଉତ୍ପାଦକ ସଂଗଠନର ସଦସ୍ୟତା ।

୪. ପ୍ରେରଣା - କୃଷକ ଉତ୍ପାଦକ ସଂଗଠନର ସ୍ୱଶାସନ

୫. ସମର୍ଥନ - କୃଷକ ଉତ୍ପାଦକ ସଂଗଠନର ପରିଚାଳନା

୬. ସୁଧର୍ମ- କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ ।

୭. ବ୍ୟବସାୟ ଯୋଜନା

୮. ହିସାବ କିତାବ ଏବଂ ଅର୍ଥ

୯. ଅମଳ ପରର, ଯୋଗାଣ ଶୃଙ୍ଖଳ (ଚେନ୍) ପରିଚାଳନା

୧୦. କିଣାବିକା କରିବା

୧୧. କୃଷି ଉତ୍ପାଦକତା ବୃଦ୍ଧି ପାଇଁ ସେବା

୧୨. ନେତୃତ୍ୱ

"ସଂଗଠନର ପରିଚୟ ଓ ପ୍ରାସଙ୍ଗିକତା" କୃଷକ ଉତ୍ପାଦକ ସଙ୍ଗଠନ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟଙ୍କ ପାଇଁ ଏହା ପ୍ରଥମ ଆତ୍ମ-ଶିକ୍ଷଣ ପେଟିକା । ଯେହେତୁ ଏହା ପ୍ରଥମ ମଡ୍ୟୁଲ, ଏହି ଶିକ୍ଷଣ ପେଟିକାରେ ଥିବା ପ୍ରଭାବଶାଳୀ ବିଷୟଗୁଡ଼ିକ କୃଷକ ଉତ୍ପାଦକ ସଙ୍ଗଠନକୁ ସଠିକ୍ ଭାବରେ ପରିଚାଳନା କରିବା ପାଇଁ ମୂଳଦୁଆ ପକାଇଥାଏ ।

**ଉଦ୍ଦେଶ୍ୟ**

ଏହି ଶିକ୍ଷଣ ପେଟିକାର ଉଦ୍ଦେଶ୍ୟ ହେଲା, କୃଷକ ଉତ୍ପାଦକ ସଂଗଠନର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନଙ୍କର ଆବଶ୍ୟକ ବୁଝାମଣା ସୃଷ୍ଟି କରାଇବା ଏବଂ ପ୍ରଶିକ୍ଷଣ ଦେବା ଯାହା ଫଳରେ ସେମାନେ ସେମାନଙ୍କର ଭୂମିକା ଫଳପ୍ରଦ ଭାବେ ନିର୍ବାହ କରିପାରିବେ ଏବଂ ସେମାନଙ୍କ କୃଷକ ଉତ୍ପାଦକ ସଙ୍ଗଠନର ନେତୃତ୍ୱ ନେଇ ତାକୁ ସୁଦୃଢ଼ କରାଇ ସେମାନଙ୍କ ସଦସ୍ୟମାନଙ୍କୁ ଉପକୃତ କରାଇପାରିବେ ।

**କେଉଁମାନଙ୍କ ପାଇଁ**

ଏହି ଶିକ୍ଷଣ ପେଟିକା ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ । କୃଷକ ଉତ୍ପାଦକ ସଙ୍ଗଠନ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟମାନଙ୍କର ଅନ୍ତତଃପକ୍ଷେ କୃଷକ ଉତ୍ପାଦକ ସଙ୍ଗଠନ ପରିଚାଳନା କରିଥିବାର ୧ ବର୍ଷର ଅନୁଭୂତି ଥିବ ।

**ଶିକ୍ଷଣ ଉଦ୍ଦେଶ୍ୟ**

ଏହି କୃଷକ ଉତ୍ପାଦକ ସଙ୍ଗଠନର ପରିଚୟ ଏବଂ ପ୍ରାସଙ୍ଗିକତା ଉପରେ ଆଧାରିତ ଶିକ୍ଷଣ ପେଟିକାର ନିମ୍ନରେ ଶିକ୍ଷଣ

ଉଦ୍ଦେଶ୍ୟଗୁଡ଼ିକ ଦିଆଗଲା ।

- କୃଷକ ଉତ୍ପାଦକ ସଂଗଠନର ସାମୂହିକ ଉଦ୍ୟମ/ କାର୍ଯ୍ୟର ଆବଶ୍ୟକତା, ଏହାର ଅର୍ଥ ଏବଂ ମୁଖ୍ୟ ବୈଶିଷ୍ଟ୍ୟଗୁଡିକୁ ବୁଝିବା ।
- କୃଷକ ଉତ୍ପାଦକ ସଙ୍ଗଠନର ପଞ୍ଜିକରଣର ଆବଶ୍ୟକତା ଏବଂ ବିଭିନ୍ନ ଆଇନ୍‌ଗତ ଦିଗ ସମ୍ବନ୍ଧରେ ଜାଣିବା ।
- ସମବାୟ ସମିତିର ମୂଲ୍ୟବୋଧ ଓ ନୀତିସମୂହ ଏବଂ କୃଷକ ଉତ୍ପାଦକ ସଂଗଠନର ଆପୋଷ ସହାୟତା ନୀତିସମୂହ ବିଷୟରେ ଅବଗତ ହେବା ।

**ଢାଞ୍ଚା ଓ ବିଷୟବସ୍ତୁ**

ଏହି ଶିକ୍ଷଣ ପେଟିକାରେ ଚାଷ ସମ୍ବନ୍ଧୀୟ ପ୍ରତିବନ୍ଧକଗୁଡିକ ସୂଚୀତ ଅଛି, ପ୍ରତିବନ୍ଧକକୁ ଦୂରକରିବା ପାଇଁ ସାମୂହିକ କାର୍ଯ୍ୟର ଆବଶ୍ୟକତା, ସାମୂହିକ କାର୍ଯ୍ୟ ପାଇଁ ଉପଯୁକ୍ତ ଆନୁଷ୍ଠାନ ହେଉଛି କୃଷକ ଉତ୍ପାଦକ ସଙ୍ଗଠନ । ତା'ପରେ ଏହା କୃଷକ ଉତ୍ପାଦକ ସଙ୍ଗଠନର ଅର୍ଥ ଏବଂ ବୈଶିଷ୍ଟ୍ୟ ଉପରେ ଉଦ୍ଦିଷ୍ଟ । ଏହି ପେଟିକା ମଧ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗରେ କାର୍ଯ୍ୟ କରେ ଯଥା; ମୂଲ୍ୟବୋଧ ଏବଂ ନୀତିସମୂହକୁ କୃଷକ ଉତ୍ପାଦକ ସଙ୍ଗଠନ ଗ୍ରହଣ କରିବାକୁ ପଡିବ ।

**ଏହାକୁ କିପରି ବ୍ୟବହାର କରିବା**

ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଏହି ଶିକ୍ଷଣ ପେଟିକାକୁ ନିଜେ ନିଜେ ବ୍ୟବହାର କରିପାରିବେ କିମ୍ବା ବାହାରର ସମ୍ବଳ ବ୍ୟକ୍ତି ବା ବିଶେଷଜ୍ଞର ସହାୟତାରେ ଏହି ପେଟିକାରେ ଥିବା ଶିକ୍ଷଣ ପ୍ରକ୍ରିୟାକୁ ଶିଖିପାରିବେ । ଏହି ପେଟିକା ସହିତ କେତେକ ସମ୍ପର୍କିତ ପୋଷ୍ଟର ଅଛି ଯାହାକୁ କି ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଶିକ୍ଷଣ ପାଇଁ ଉପଯୁକ୍ତ ସ୍ଥାନରେ ଲଗାଇପାରିବେ ।

ଏହି ଶିକ୍ଷଣ ପେଟିକାରେ ଥିବା ଶିକ୍ଷଣକୁ ଉପଭୋଗ କରି ଶିଖିବା ଆମ୍ଭେ ଆଶାକରୁ ଏବଂ ଆପଣ ନିଜର କୃଷକ ଉତ୍ପାଦକ ସଙ୍ଗଠନକୁ ଅଧିକ ଫଳପ୍ରଦ ଏବଂ କାର୍ଯ୍ୟଦକ୍ଷଭାବେ ପରିଚାଳନା କିମ୍ବା ସ୍ୱଶାସନ କରନ୍ତୁ ।

# କଠିନ ଶବ୍ଦ (ଆକ୍ରୋନିମ୍ସ)

| | | |
|---|---|---|
| **ଆର୍ଟିକିଲସ୍ ଅଫ ଆସୋସିଏସନ୍ (Articles of Associations)** | : | ଏକ ସମବାୟ ସମିତି / ସମବାୟ ବାଇଲ ଯାହା, ଉତ୍ପାଦକ କମ୍ପାନୀ ପାଇଁ ଆର୍ଟିକିଲସ୍ ଅଫ୍ ଆସୋସିଏସନ୍ ତାହା। ଆର୍ଟିକିଲସ ଅଫ ଆସୋସିଏସନ ସ୍ୱତନ୍ତ୍ର ଭାବରେ କମ୍ପାନୀର କାର୍ଯ୍ୟକାରୀତା ପାଇଁ ନୀତିନିୟମ ଏବଂ କମ୍ପାନୀର ଉଦ୍ଦେଶ୍ୟ ଏବଂ ଏହି ଉଦ୍ଦେଶ୍ୟ ହାସଲ ପାଇଁ କ'ଣ ପଦ୍ଧତି ଓ ମାର୍ଗ ଅବଲମ୍ବନ କରିବାକୁ ପଡିବ ସେଥିରେ ଉଲ୍ଲେଖଥାଏ। କମ୍ପାନୀର ବୋର୍ଡକୁ ଆର୍ଟିକିଲ୍ସ ଅଫ୍ ଆସୋସିଏସନ୍‌କୁ ପ୍ରସ୍ତୁତ କରିବାକୁ ପଡିବ ଏବଂ କମ୍ପାନୀମାନଙ୍କର ରେଜିଷ୍ଟ୍ରାର୍‌ଙ୍କଠାରୁ ତାହାର ସ୍ୱୀକୃତି ଲାଭ କରିବାକୁ ପଡିବ। ଏଥିରେ କିଛି ସଂଶୋଧନ କରିବାକୁ ହେଲେ ତାହାକୁ ସାଧାରଣ ପରିଷଦ ବୈଠକରେ କରିବାକୁ ପଡିବ ଏବଂ ପୁନର୍ବାର କମ୍ପାନୀମାନଙ୍କର ରେଜିଷ୍ଟ୍ରାରଙ୍କଠାରୁ ସ୍ୱୀକୃତି ଲାଭ କରିବାକୁ ପଡ଼ିବ।<br><br>ବୋର୍ଡ ହେଉଛି କୃଷକ ଉତ୍ପାଦକ ସଂଗଠନର ପରିଚାଳନା ପରିଷଦ ଦ୍ୱାରା ନୀତି ସ୍ତରୀୟ ନିଷ୍ପତ୍ତି ଏବଂ ଏହା ସୁନିଶ୍ଚିତ କରାଏ ଯେ, କୃଷକ ଉତ୍ପାଦକ ସଂଗଠନ ଏହାର ସଦସ୍ୟମାନଙ୍କ ପାଇଁ କାମ କରେ। କୃଷକ ଉତ୍ପାଦକ ସଂଗଠନ ବୋର୍ଡ, ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ପ୍ରତିନିଧି ଯଥା; କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ଗଠିତ ହୋଇଥାଏ। |
| **ସକ୍ରିୟ ସଦସ୍ୟ** | : | ଅଧିନିୟମ/ଉପବିଧିର ଆବଶ୍ୟକତା ଅନୁଯାୟୀ ଏକ ସଦସ୍ୟ ଯିଏ କି କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ଦିଆଯାଇଥିବା ସମସ୍ତ କର୍ତ୍ତବ୍ୟ ମାନଦଣ୍ଡକୁ ପୂରଣ କରୁଥିବ। |
| **"ବାଇ-ଲ"** | : | "ଉପବିଧି" ହେଉଛି, ସମବାୟ ସମିତିକୁ ପରିଚାଳନା କରିବାର ବ୍ୟବସ୍ଥା। ପ୍ରତ୍ୟେକ ସମବାୟ ସମିତି ସେମାନଙ୍କର ନିଜର "ଉପବିଧି" ଅଛି ଏବଂ ସେମାନଙ୍କର ସବୁ କାର୍ଯ୍ୟ ସେହି "ଉପବିଧି" ଭିତରେ ହିଁ କାର୍ଯ୍ୟକାରୀ ହୋଇଥାଏ।<br><br>ବୋର୍ଡ ଏହି "ଉପବିଧି"କୁ ପ୍ରସ୍ତୁତ କରିଥାଏ ଏବଂ ତାହା ସମବାୟ ସମିତିର ନିବନ୍ଧକଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିବା ଉଚିତ୍। ପରବର୍ତ୍ତୀ ସମୟରେ ଏହି "ଉପବିଧି"ରେ କିଛି ସଂଶୋଧନ କରାଗଲେ, ତାହା କେବଳ ସାଧାରଣ ପରିଷଦ ଦ୍ୱାରା ହିଁ ସଂଶୋଧିତ ହୋଇଥାଏ। |
| **ବଡି କର୍ପୋରେଟ୍** | : | ବଡି କର୍ପୋରେଟ୍ ହେଉଛି ଏକ ଆନୁଷ୍ଠାନିକ, ସ୍ୱୀକୃତିପ୍ରାପ୍ତ ସଂସ୍ଥା ଯାହା ସମ୍ପତ୍ତି ହାସଲ, ଧାରଣ ଏବଂ ହସ୍ତାନ୍ତର, ଚୁକ୍ତିନାମା କରିବା, ମକଦ୍ଦମା ଦାୟର କରିବା ଏବଂ ଏହାର ଉଦ୍ଦେଶ୍ୟ ହାସଲ କରିବା ପାଇଁ ଆବଶ୍ୟକ କରୁଥିବା ଅନ୍ୟ ସମସ୍ତ କାର୍ଯ୍ୟ କରିବାର ଅଧିକାର ରହିଛି। ପଞ୍ଜିକରଣ ପରେ ଏକ କୃଷକ ଉତ୍ପାଦକ ସଙ୍ଗଠନ ବଡି କର୍ପୋରେଟ୍ ହେବ। |

**କୋଅପରେଟିଭ ସୋସାଇଟି** : ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି (ଯଥା; ଓଡ଼ିଶାରେ ଥିବା କୋଅପରେଟିଭ ସୋସାଇଟି ଆକ୍ଟ, ୧୯୬୨) ଅନୁବନ୍ଧିତ ହୋଇଛି, ତାହା ଏକ ସମବାୟ ସମିତି ବୋଲି ଆମ୍ଭେ କହିବା।

**ସମତା** : ଏକ କୃଷକ ଉତ୍ପାଦକ ସଙ୍ଗଠନର ସମ୍ପତ୍ତି ସହିତ ସମୁଦାୟ ନିଜସ୍ୱ ପାଣ୍ଠି ସମତା ଭାବରେ ବିବେଚନା କରାଯାଏ। ଏହା ସୁସ୍ପଷ୍ଟ ଯେ, କୃଷକ ଉତ୍ପାଦକ ସଙ୍ଗଠନର ଉତ୍ତମ ଆର୍ଥିକ ସ୍ୱାସ୍ଥ୍ୟ ପାଇଁ ଉଚ୍ଚ ଭାବରେ ସମତା ରକ୍ଷା କରିବାକୁ ପଡିବ।

**କୃଷକ ଉତ୍ପାଦକ ସଂଗଠନ** : ଏକ କୃଷକ ଉତ୍ପାଦକ ସଂଗଠନ (FPO) ହେଉଛି ପଞ୍ଜିକୃତ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଯାହା କୃଷକ ସଦସ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଓ ସେମାନେ ଏହାର ସତ୍ତ୍ୱାଧିକାରୀ ଅଟନ୍ତି। ଚାଷୀ ଉତ୍ପାଦକ ସଂଗଠନର ମୂଳ ଉଦ୍ଦେଶ୍ୟ ହେଲା ଏହାର ସଦସ୍ୟମାନଙ୍କୁ ଆବଶ୍ୟକ କରୁଥିବା ସେବା ଯୋଗାଇ ସଦସ୍ୟମାନଙ୍କର ସାଧାରଣ ଆବଶ୍ୟକତାକୁ ପୂରଣ କରୁଥିବ। କୃଷି ଏବଂ ଆନୁସାଙ୍ଗିକ ବିଷୟଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମରେ କୃଷକ ଉତ୍ପାଦକ ସଂଗଠନଗୁଡିକ ସଂଶ୍ଳିଷ୍ଟ ରୁହନ୍ତି। କୃଷକ ଉତ୍ପାଦକ ସଂଗଠନଗୁଡିକ ଆନୁଷ୍ଠାନିକ ସଂଗଠନ ହୋଇଥିବାରୁ, ସେମାନେ ସେମାନଙ୍କର ଅଫିସ୍ / ଅନ୍ୟାନ୍ୟ ଭିତ୍ତିଭୂମି, କର୍ମଚାରୀ, ବ୍ୟବସ୍ଥା ଥାଇ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି।

**ଜେନେରାଲ ବଡି** : କୃଷକ ଉତ୍ପାଦକ ସଙ୍ଗଠନର ସମସ୍ତ ସଦସ୍ୟଙ୍କୁ ସେହି କୃଷକ ଉତ୍ପାଦକ ସଙ୍ଗଠନର ଜେନେରାଲ ବଡି ବୋଲି କୁହାଯାଏ। ଜେନେରାଲ୍ ବଡି ହେଉଛି କୃଷକ ଉତ୍ପାଦକ ସଙ୍ଗଠନର ସର୍ବୋଚ୍ଚ କର୍ତ୍ତୃପକ୍ଷ ଅଟନ୍ତି।

**ଦ୍ରବ୍ୟ ଓ ସେବା ଟିକସ (GST)** : ଦ୍ରବ୍ୟ ଓ ସେବା ଟିକସ (Goods and Services Tax) (GST) ଦ୍ରବ୍ୟ ଏବଂ ସେବା ଉପରେ ଏକ ବ୍ୟାପକ ଟିକସ ବ୍ୟବସ୍ଥା ଅଟେ ଯାହା ଭାରତରେ ଟିକସ କ୍ଷେତ୍ରରେ ସମାନତା / ସମତ୍ୱ ଆଣିଛି।

**ସୀମିତ ଫେରସ୍ତ** : "ସୀମିତ ଫେରସ୍ତ" ଅର୍ଥ ହେଉଛି ଏକ ଉତ୍ପାଦକ କମ୍ପାନୀ ଦ୍ୱାରା ନିର୍ଦ୍ଧାରିତ ହେଉଥିବା ସର୍ବାଧିକ ଲାଭାଂଶ। ଲାଭାଂଶ ବା ସୁଧ, ବାର୍ଷିକ ସ୍ଥାୟୀ ଜମା ଉପରେ ଏକ ଜାତୀୟକରଣ ବ୍ୟାଙ୍କ ଦେଉଥିବା ସୁଧ ହାର ଠାରୁ କମ୍ ବା ସମାନ ହେବା ଉଚିତ।

**ବହୁରାଜ୍ୟ ସମବାୟ ସମିତି ଅଧିନିୟମ ୨୦୦୨** : ଏହି ଅଧିନିୟମ ଏକ ରାଜ୍ୟରେ ସୀମିତ ନୁହେଁ ଏବଂ ଏକରୁ ଅଧିକ ରାଜ୍ୟର ସଦସ୍ୟମାନଙ୍କୁ ସେବା ପ୍ରଦାନ କରିବା, ସ୍ୱୟଂ ସହାୟକ ତଥା ପାରସ୍ପରିକ ସହାୟତା ଉପରେ ଆଧାରିତ ଲୋକ ଅନୁଷ୍ଠାନ ଭାବରେ ସମବାୟ ସମିତିର ସ୍ୱେଚ୍ଛାକୃତ ଗଠନ ତଥା ଗଣତାନ୍ତ୍ରିକ କାର୍ଯ୍ୟକଳାପକୁ ସୁଗମ କରିବା ତଥା ସେମାନଙ୍କୁ ସକ୍ଷମ କରିବା, ସେମାନଙ୍କର ଅର୍ଥନୈତିକ ଏବଂ ସାମାଜିକ ଉନ୍ନତିକୁ ପ୍ରୋତ୍ସାହିତ କରିବା ଏବଂ କାର୍ଯ୍ୟକ୍ରମରେ ସ୍ୱାଧିନତା ପ୍ରଦାନକରିବା।

ଏହି ଅଧିନିୟମ ଭାରତର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ନିୟନ୍ତ୍ରିତ।

**ମ୍ୟୁଚୁାଲ ସହାୟତା ନୀତି** : କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୫୮୧ଜିର ଉପ - ବିଭାଗ (୨)ରେ ନିର୍ଦ୍ଦିଷ୍ଟ ହୋଇଥିବା ନୀତିଗୁଡ଼ିକ ଏବଂ ଉତ୍ପାଦକ କମ୍ପାନୀ ସେମାନଙ୍କର ଉପବିଧି ଓ କାର୍ଯ୍ୟକାରୀତା ନୀତି ନିୟମ ମାଧ୍ୟମରେ ଗ୍ରହଣ କରିବେ ।

**ବେସରକାରୀ ସଂସ୍ଥା** : ଯେଉଁ ବେସରକାରୀ ସଂସ୍ଥାମାନେ କୃଷକ ଉତ୍ପାଦକ ସଙ୍ଗଠନ ଗଠନ, ଦକ୍ଷତା ବୃଦ୍ଧି ଓ ସେମାନଙ୍କର ସ୍ଥାୟିତ୍ୱ ପାଇଁ ନିଜକୁ ସାମିଲ୍ କରିଥିବେ ।

**ପ୍ୟାନ୍ (PAN)** : ସ୍ଥାୟୀ ଆକାଉଣ୍ଟ ନମ୍ବର (Permanent Account Number) (PAN) ହେଉଛି ଅଦ୍ୱିତୀୟ / ଅଧିକ ସଂଖ୍ୟା ଯାହା ଆୟକର ବିଭାଗ (Income Tax Department) ଦ୍ୱାରା ବ୍ୟକ୍ତି ଏବଂ ପଞ୍ଜିକୃତ ଅନୁଷ୍ଠାନମାନଙ୍କର ଆୟକର (Income Tax) କୁ ନିୟନ୍ତ୍ରିତ କରିବାକୁ ଦିଆଯାଇଥାଏ ।

**ଉତ୍ପାଦକ କମ୍ପାନୀ (Producer Company)** : ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି, କମ୍ପାନୀ ଆଇନ୍ (Companies Act) ୨୦୧୩ ଅଧିନରେ ପଞ୍ଜିକୃତ ବା ସ୍ୱୀକୃତି ଲାଭ କରିଛି, ତାହାକୁ ଆମେ ଏକ ଉତ୍ପାଦକ କମ୍ପାନୀ ବୋଲି କହିଥାଉ । ଉତ୍ପାଦକ କମ୍ପାନୀ ଅର୍ଥ ଏକ ବଡି ଅଫ୍ କର୍ପୋରେଟ୍ (Body of Corporate) ଯାହାର କି ଉଦ୍ଦେଶ୍ୟ ଏବଂ କାର୍ଯ୍ୟକ୍ରମ ସେକ୍ସନ ୫୮୧(ବି) (Section – 581 (B))ରେ ନିର୍ଦ୍ଧାରିତ ହୋଇଥାଏ ଏବଂ କମ୍ପାନିଜ ଆକ୍ଟ (Companies Act) ରେ ଉତ୍ପାଦକ କମ୍ପାନୀ ହିସାବରେ ପଞ୍ଜିକୃତ ହୋଇଥାଏ ।

**ପାଟ୍ରୋନେଜ୍** : କୃଷକ ଉତ୍ପାଦକ ସଙ୍ଗଠନ ଏହାର ସଦସ୍ୟମାନଙ୍କୁ ଏହାର ବ୍ୟବସାୟ ପୃଷ୍ଠପୋଷକତା କାର୍ଯ୍ୟକଳାପରେ ଅଂଶଗ୍ରହଣ କରି ପ୍ରଦାନ କରାଯାଇଥିବା ସେବା ଗୁଡ଼ିକର ବ୍ୟବହାର ।

# କାର୍ଯ୍ୟକ୍ରମର ପ୍ରାରମ୍ଭିକ ମୂଲ୍ୟାୟନ

ପୂର୍ବ ବିଭାଗରେ ଦିଆଯାଇଥିବା "ଶିକ୍ଷଣ ମଡ୍ୟୁଲ ବିଷୟରେ" ଶୀର୍ଷକ ପରି ଏହି ମଡ୍ୟୁଲରେ "କୃଷକ ଉତ୍ପାଦକ ସଂଗଠନ - ପରିଚୟ ଏବଂ ପ୍ରାସଙ୍ଗିକତା" ବିଷୟବସ୍ତୁ ଉପରେ ଆଲୋଚିତ କରାଯାଇଛି ।

ନିମ୍ନରେ ଆମ୍ଭମାନଙ୍କ ପାଇଁ ଏହି ବିଷୟରେ କେତେକ ମୌଳିକ ପ୍ରଶ୍ନ ସବୁ ଦିଆଯାଇଛି । ଆସନ୍ତୁ ଆମ୍ଭେ ନିଜେ ନିଜେ ଏହି ସବୁ ପ୍ରଶ୍ନର ଉତ୍ତର ଦେବା । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭିକ ସ୍ଥିତି ଆଧାରିତ(ବେସ୍‌ଲାଇନ୍) ମୂଲ୍ୟାୟନର ଉଦ୍ଦେଶ୍ୟ ହେଲା, ଆମର ଏହି ପ୍ରଶ୍ନ ଉପରେ ବର୍ତ୍ତମାନ ବୁଝାମଣା କ'ଣ ଅଛି ଏବଂ "କୃଷକ ଉତ୍ପାଦକ ସଂଗଠନ- ପରିଚୟ ଏବଂ ପ୍ରାସଙ୍ଗିକତା" ବିଷୟରେ ଅଧିକ ଶିଖିବା ।

୧. କୃଷକ ମାନଙ୍କର ସାମୂହିକ କାର୍ଯ୍ୟକ୍ରମର ଆବଶ୍ୟକତା କଣ ?

---------------------------------------------------------------------------------

---------------------------------------------------------------------------------

୨. କୃଷକ ଉତ୍ପାଦକ ସଙ୍ଗଠନ କହିଲେ କଣ ବୁଝୁ ?

---------------------------------------------------------------------------------

---------------------------------------------------------------------------------

୩. କୃଷକ ଉତ୍ପାଦକ ସଙ୍ଗଠନର ମାଲିକାନାସତ୍ତ୍ୱ କାହାର ?

---------------------------------------------------------------------------------

---------------------------------------------------------------------------------

୪. ବାଇଲ ବା ଉପବିଧିର ଅର୍ଥ କଣ ?

---------------------------------------------------------------------------------

---------------------------------------------------------------------------------

## ୧

# କୃଷିର ସ୍ଥିତି ଓ ସାମୂହିକ କାର୍ଯ୍ୟର ଆବଶ୍ୟକତା

### ଅଧିବେଶନ ଉଦ୍ଦେଶ୍ୟ



**ସାମୂହିକ କାର୍ଯ୍ୟର ଆବଶ୍ୟକତା ଏବଂ ସୁବିଧାଗୁଡିକୁ ହୃଦୟଙ୍ଗମ କରିବା**

### ବିଷୟବସ୍ତୁ

**୧. ଚାଷର ଅସୁବିଧା ଏବଂ ସାମୂହିକ କାର୍ଯ୍ୟର ଆବଶ୍ୟକତା**

**୨. ସାମୂହିକ କାର୍ଯ୍ୟକ୍ରମ**

**୩. ସାମୂହିକ ଉଦ୍ୟମ ପାଇଁ ଆନୁଷ୍ଠାନିକ ଢାଞ୍ଚା**

ଶ୍ୟାମ ନରସପୁର ଗ୍ରାମର ଜଣେ କ୍ଷୁଦ୍ର ଚାଷୀ ଅଟେ। ତା'ର ନିଜର ୨ଏକର ଜମି ଓ ଗୋଟିଏ ମଇଁଷି ଅଛି। ତା'ର ୨ଟି ପିଲା ସ୍କୁଲରେ ପାଠ ପଢନ୍ତି। ଶ୍ୟାମ ଓ ତାହାର ସ୍ତ୍ରୀ ଲକ୍ଷ୍ମୀ ଉଭୟ କୃଷକ ଏବଂ ଅନ୍ୟର କୃଷି ଜମିରେ ମଧ୍ୟ ଦିନ ମଜୁରିଆ ଭାବରେ କାମ କରନ୍ତି। ଶ୍ୟାମ ଜମିରେ ଜଳସେଚନର ସୁବିଧା ନଥିବାରୁ ଚାଷ କରିବା ପାଇଁ ବର୍ଷା ଉପରେ ନିର୍ଭର କରୁଥିଲା। ଜଣେ ବିହନ ବିକ୍ରେତାଙ୍କ ପରାମର୍ଶ କ୍ରମେ ଖରିଫ୍ ଫସଲ ପାଇଁ ଅଧିକ ଅମଳକ୍ଷମ ବିହନ ଉଚ୍ଚା ଦରରେ ଆଣିଲେ।



ବିହନ ବୁଣିବାପରେ ଶତକଡା ୫୦ଭାଗ ବିହନ ଗଜା ହେଲା। ନିଜର ଅଜ୍ଞତା ଏବଂ ଅନ୍ୟ କୃଷକମାନଙ୍କଦ୍ୱାରା ପ୍ରଭାବିତ ହୋଇ ଶ୍ୟାମ ଅଧିକ ମାତ୍ରାରେ ରାସାୟନିକ ସାର ନିଜ କ୍ଷେତରେ ପ୍ରୟୋଗ କରି ଅତ୍ୟଧିକ

ଖର୍ଚ୍ଚାନ୍ତ ହେଲା । କୃଷି ଯନ୍ତ୍ରପାତିର ଅଭାବ ଓ ଅନ୍ୟ କ୍ଷେତର କାର୍ଯ୍ୟଭାର ଯୋଗୁ ସେମାନେ ଫସଲରୁ ଘାସ ନ ବାଛି ପାରିବା ହେତୁ ଶସ୍ୟ ଅମଳରେ କ୍ଷତି ଘଟିଲା । ନିଜର ଖର୍ଚ୍ଚକୁ ତୁଲାଇବା ପାଇଁ ଅମଳ କରିଥିବା ଶସ୍ୟକୁ ବଜାରରେ ବିକ୍ରି କରିବାକୁ ଚେଷ୍ଟା କଲା କିନ୍ତୁ ଆବଶ୍ୟକତା ଠାରୁ ଅଧିକ ଉତ୍ପାଦନ ହୋଇଥିବାରୁ ଶସ୍ୟର ବଜାର ଦର ହ୍ରାସ ପାଇଥିଲା । ବର୍ତ୍ତମାନ ଶ୍ୟାମ ଆସନ୍ତା ଖରିଫ୍ ଫସଲ ପାଇଁ କ'ଣ କରିବା ଦ୍ୱନ୍ଦରେ ରହିଛି ।



ଆମ୍ଭେମାନେ କୃଷିରେ ଏକାପରି ସମସ୍ୟାର ସମ୍ମୁଖିନ ହେଉଛୁ କି ? ଏ ବିଷୟରେ ଆମେ କଣ କରିପାରିବା ?

ଆସ ଦେଖିବା, ଶ୍ୟାମ କିପରି ତା'ର ଚାଷଜନିତ ସମସ୍ୟାରୁ ମୁକୁଳିବା ପାଇଁ ଚେଷ୍ଟା କଲା ।

ଦିନେ ସମାଜିକ ଅନୁଷ୍ଠାନ ବିକାଶର ପ୍ରତିନିଧି ସେହି ଗାଁକୁ ଆସିଥିଲେ ଏବଂ ସେମାନଙ୍କର ବର୍ତ୍ତମାନ ସ୍ଥିତି ଓ ସେମାନେ ଚାଷରେ ଯେଉଁସବୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ସେ ବିଷୟରେ ଆଲୋଚନା କଲେ । ବିକାଶ ପ୍ରତିନିଧିମାନେ କୃଷିର ଉନ୍ନତି ଓ କୃଷକଙ୍କ ଦକ୍ଷତା ବୃଦ୍ଧି ସମ୍ବନ୍ଧରେ ଗାଁର ଚାଷୀମାନଙ୍କ ସହିତ ଏକ ବୈଠକରେ ଆଲୋଚନା କଲେ । ରାମାୟା ଶ୍ୟାମର ଜଣେ ବନ୍ଧୁ । ସେ ଶ୍ୟାମକୁ କୃଷି ଓ କୃଷକ ଉନ୍ନତି ଆଲୋଚନା ସଭାରେ ଯୋଗଦେବା ପାଇଁ ଅନୁରୋଧ କଲେ । ଶ୍ୟାମ ସେହି ସଭାରେ ଯୋଗଦେଲେ । ଆସନ୍ତୁ ଜାଣବା ସେହି ସଭାରେ କଣ'ସବୁ ଘଟିଲା ଓ ଆଲୋଚନା କରାଗଲା ।

ନରସପୁର ଓ ଆଖପାଖ ଗାଁର ପ୍ରାୟ ୫୫ ଜଣ କୃଷକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଏକତ୍ରିତ ହେଲେ । ଶ୍ରୀମତୀ ସରସ୍ୱତୀ ଓ ବିକାଶ ର ପ୍ରତିନିଧି ଓ ଅଞ୍ଚଳର ଏକ ଜଣାଶୁଣା ସାମାଜିକ କର୍ମୀ ସବୁ କୃଷକମାନଙ୍କୁ ସ୍ୱାଗତ କଲେ । ସମସ୍ତଙ୍କର ପରିଚୟ ଆଦାନପ୍ରଦାନ ପରେ ସରସ୍ୱତୀ କହିଲେ ଯେ, ଆମେ ଜଣେ ଜଣେ କୃଷକ ହିସାବରେ କ୍ଷେତରେ ଦିନରାତି କଠିନ ପରିଶ୍ରମ କରି ନିଜର ପରିବାର ସହିତ ଅନ୍ୟମାନଙ୍କୁ ଖାଦ୍ୟ ଯୋଗାଉଛୁ । ନିଜ ପାଇଁ ମଧ୍ୟ ଯଥେଷ୍ଟ ଖାଦ୍ୟ ନାହିଁ, ମାତ୍ର ଆମେ ଫସଲର ଯତ୍ନ ନେଇଥାଉ । ଯେତେବେଳେ ଆମ ଫସଲ ଉପରକୁ କ୍ଷତି ଆସେ, ଆମେ ସର୍ବଦା ଫସଲର ଯତ୍ନ ସହିତ ସବୁକଥା କରିଥାଉ । କୃଷି କେବଳ ଆମ ପରିବାରର ଜୀବିକାର ଉତ୍ସ ନୁହେଁ, ଏହା ମଧ୍ୟ ଆମର ଖାଦ୍ୟ, ଗୋଖାଦ୍ୟ / ଚାରା ଓ ଜାଳେଣୀ ମଧ୍ୟ ଅଟେ । କୃଷି ଆମ ଦେଶର ମେରୁଦଣ୍ଡ, ତେଣୁ ଆମ୍ଭେମାନେ ସମସ୍ତେ ପୃଥିବୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲୋକ । ଶେଷରେ ସରସ୍ୱତୀ ଦେବୀ କହିଲେ ଯେ, ଯଦିଓ ଆମେ ଏକ ଭଲ ଅମଳ ପାଇଁ କେବଳ ବର୍ଷା ଉପରେ ନିର୍ଭର ନକରି ସମୟକ୍ରମେ ଅନ୍ୟ ବିକଳ୍ପ ତିଆରି କରିବା ସତ୍ତ୍ୱେ ଆମ୍ଭେମାନେ ଅନେକ ସମସ୍ୟାର ସମ୍ମୁଖିନ ହେଉଛେ । ସେ କୃଷକମାନଙ୍କୁ ନିଜ ଗାଁ ବ୍ଲକ୍‌ରେ ସମ୍ମୁଖିନ ହେଇଥିବା ଚାଷଜନିତ ସମସ୍ୟାସବୁର ଏକ ଚିଠା ତିଆରି କରିବାକୁ କହିଲେ ଓ ସେ ମଧ୍ୟ କୃଷକମାନଙ୍କୁ ନିଜ ଗାଁ ବ୍ଲକ୍‌ରେ ତିନୋଟି ମୁଖ୍ୟ ଚାଷଜନିତ ସଫଳ କାହାଣୀ ବା ଘଟଣାସବୁର ଚିଠା ତିଆରି କରିବାକୁ କହିଲେ ।

| ଆମ ଅଞ୍ଚଳର କୃଷକ ମାନଙ୍କର କୃଷିର ସମସ୍ୟା | ଆମ ଅଞ୍ଚଳର ସଫଳ କୃଷିର ଉପାୟ/କାହାଣୀ |
|---|---|
| -------------------------------- | ----------------------------- |
| -------------------------------- | ----------------------------- |
| -------------------------------- | ----------------------------- |

ଏହି ଆଲୋଚନାରୁ ଜଣାଗଲା ଯେ, ବ୍ୟକ୍ତିଗତ କୃଷିରେ କୃଷକମାନଙ୍କୁ ଅନେକ ସମସ୍ୟାର ସମ୍ମୁଖିନ ହେବାକୁ ପଡିଥାଏ। କିନ୍ତୁ ଏହାର ସମାଧାନ ପାଇଁ କେତୋଟି ସଫଳ କାହାଣୀ ଓ କୃଷିଭିତ୍ତିକ ସମସ୍ୟା ପାଇଁ ସୁଯୋଗ ରହଛି।

ତା'ପରେ ଶ୍ରୀମତୀ ସରସ୍ୱତୀ ଦେବୀ ପଚାରିଲେ, କୃଷି ସମସ୍ୟାକୁ ବ୍ୟକ୍ତିଗତ ଭାବରେ କୃଷକ ସମାଧାନ କରିପାରିବା ସମ୍ଭବ କି ? ଏକା ସାଙ୍ଗରେ ପ୍ରାୟ ସମସ୍ତ କୃଷକ କହିଉଠିଲେ ନାଁ ସମ୍ଭବ ନୁହେଁ । ତେଣୁ ସରସ୍ୱତୀ ନିମ୍ନରେ ଦିଆଯାଇଥିବା ଚିତ୍ରପଟ୍ଟ ଦେଖାଇ କହିଲେ ଯେ, କୃଷି କ୍ଷେତ୍ରରେ ସାମୂହିକ କାର୍ଯ୍ୟକଳାପର ଆବଶ୍ୟକତା ରହିଛି ଯାହା କୃଷିର ସମସ୍ତ ସମସ୍ୟାକୁ ଦୂରେଇ ଦେଇପାରିବ। ଆଲୋଚନା ମାଧ୍ୟମରେ କୃଷକମାନେ ନିଶ୍ଚିତ କଲେ ଯେ, ସାମୂହିକ ଭାବେ ନିମ୍ନଲିଖିତ କାର୍ଯ୍ୟକଳାପସମୂହ ହାତକୁ ନିଆଯାଇପାରେ।

# ବ୍ୟକ୍ତିଗତ/ସାମୂହିକଭାବେ କୃଷକମାନଙ୍କର ସ୍ଥିତି

## ବ୍ୟକ୍ତିଗତଭାବେ କାର୍ଯ୍ୟକଲେ ସମସ୍ୟାସମୂହ





## ସାମୂହିକଭାବେ କାର୍ଯ୍ୟକଲେ ସମୂହ ଲାଭ



ସାମୂହିକ ସ୍ତରରେ କାର୍ଯ୍ୟକଳାପ - ଏହି ଆଲୋଚନାରୁ ଜଣାଗଲା ଯେ , ସାମୂହିକଭାବେ କାର୍ଯ୍ୟକରି କୃଷିରୁ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗ

## ସାମୂହିକ କାର୍ଯ୍ୟର ବିକାଶ ସ୍ତର



ତା'ପରେ ସରସ୍ୱତୀ ଦେବୀ ସାମୂହିକ କୃଷି କାର୍ଯ୍ୟକଳାପ ଓ ଏହାର ଉପାଦେୟତାରୁ ଯେଉଁ ସୁଫଳ ମିଳୁଛି ତାହାର ଏକ ଚିଠା ପ୍ରସ୍ତୁତ କରିବାକୁ କହିଲେ।

------------------------------------------------------------------------------------------------

------------------------------------------------------------------------------------------------

------------------------------------------------------------------------------------------------

------------------------------------------------------------------------------------------------

ଆମର ସମୂହ ଆମକୁ ସ୍ୱଳ୍ପ ମୂଲ୍ୟରେ ଅଧିକ ସେବା ଓ ସୁବିଧା ପାଇବାରେ ସାହାଯ୍ୟ କରିବ। ଯାହା ଫଳରେ ଚାଷ ପାଇଁ ଉପକରଣ, ବିହନ ଇତ୍ୟାଦି କମ୍ ଦାମ୍‌ରେ ମିଳିବ। ଆମର ମୂଳଚାଲ ଶକ୍ତି ବଢିବ ଓ ଆମର ସାମୂହିକ ସ୍ୱରକୁ ଅଧିକରୁ ଅଧିକ କରିବ।

## କୃଷକ ଉତ୍ପାଦକ ସଙ୍ଗଠନ
## ସାମୂହିକ କାର୍ଯ୍ୟକଳାପର ଆନୁଷ୍ଠାନିକ ଢାଞ୍ଚା

ସୁଦର୍ଶନ ଜଣେ କୃଷକ ଯେ କି ଧିରସ୍ଥିର ଭାବରେ ସଭାର ଆଲୋଚନାକୁ ମନଦେଇ ଶୁଣୁଥିଲା ଓ ପଚାରିଲା, ସାମୂହିକ କାର୍ଯ୍ୟକଳାପ ହାତକୁ ନେବା ପାଇଁ କ'ଣ ସବୁ ଉପାୟ / ବ୍ୟବସ୍ଥା ଅଛି ?

ଶ୍ରୀମତୀ ସରସ୍ୱତୀ ଉତ୍ତର ଦେଲେ ଏହା ଅତି ଗୁରୁତ୍ୱପୂର୍ଣ୍ଣ ଓ ସୁନ୍ଦର ପ୍ରଶ୍ନ । ପୂର୍ବ ଲିଖିତ ବିଭିନ୍ନ ସାମୂହିକ କାର୍ଯ୍ୟକଳାପ କରିବା ପାଇଁ ଆପଣଙ୍କୁ ଏକ ଆନୁଷ୍ଠାନିକ ଓ ଆଇନ ଅନୁମୋଦିତ ସଙ୍ଗଠନ ଆବଶ୍ୟକ। ସାମୂହିକ କାର୍ଯ୍ୟକଳାପ କରିବା ପାଇଁ କୃଷକ ଉତ୍ପାଦକ ସଙ୍ଗଠନ ହେଉଛି ଅତି ଉପଯୁକ୍ତ ଓ ପ୍ରଭାବୀ ଅନୁଷ୍ଠାନ।

ସରସ୍ୱତୀ କହି ରଖିଲେ ଯେ, କୃଷକ ଉତ୍ପାଦକ ସଙ୍ଗଠନ ଆପଣଙ୍କର ନିଜର ଅନୁଷ୍ଠାନ ଅଟେ। ନିଜର କୃଷକ ସଭ୍ୟମାନଙ୍କର ଓ ସେ ସଭ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୋଇଥାଏ। ବିହନ ଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ବିଭିନ୍ନ ସେବା ସେମାନଙ୍କର କୃଷକ ସଭ୍ୟମାନଙ୍କୁ ଯୋଗାଇଥାଏ। ସମବାୟ ନୀତି ଓ ବ୍ୟବସାୟିକ ଭିତ୍ତିରେ ହେବା ଆବଶ୍ୟକ।

ସଦସ୍ୟ କୃଷକମାନଙ୍କର ଉନ୍ନତି ନିମନ୍ତେ କୃଷକ ଉତ୍ପାଦକ ସଙ୍ଗଠନ ଉତ୍ତମ ବିହନ, ସାର, ଭଲ ଉତ୍ପାଦନ ନିମନ୍ତେ ଉନ୍ନତ ବୈଷୟିକ କୌଶଳ, ପ୍ରକ୍ରିୟାକରଣ ଓ ଦ୍ରବ୍ୟ ବିକ୍ରିବଟା ଇତ୍ୟାଦି ଯୋଗାଇବାକୁ ଗୁରୁତ୍ୱ ଦେଇଥାଏ। ଶେଷରେ ସରସ୍ୱତୀ ଦେବୀ କୃଷକମାନଙ୍କୁ ପଚାରିଲେ, ସେମାନେ କ'ଣ ସ୍ଥିର କଲେ ? ସେମାନେ ସେମାନଙ୍କର କୃଷକ ଉତ୍ପାଦକ ସଙ୍ଗଠନ ଗଠନ କରିବେ କି ନା ?

୫୫ଜଣ କୃଷକମାନଙ୍କ ମଧ୍ୟରୁ, ୩୦ ଜଣ କୃଷକ ଉତ୍ପାଦକ ସଙ୍ଗଠନ ଗଢିବା ପାଇଁ ସମର୍ଥନ କଲେ ଏବଂ ଅବଶିଷ୍ଟ ସେମାନଙ୍କର

ମତାମତ ଦେବାକୁ କିଛି ସମୟ ମାଗିଲେ। ପରେ ସରସ୍ୱତୀ ପ୍ରସ୍ତାବ ଦେଲେ କୃଷକ ଉତ୍ପାଦକ ସଙ୍ଗଠନ ଗଠନ କରିବାକୁ ଆଗ୍ରହୀ କୃଷକମାନେ କୃଷକ ଉତ୍ପାଦକ ସଙ୍ଗଠନ କ'ଣ ଏବଂ ଏହାର ସଦସ୍ୟତା, ବୈଶିଷ୍ଟ୍ୟ ଜାଣିବାକୁ ଚାହିଁଲେ, ସେମାନେ ଆଉ ଏକ ସଭାରେ ମିଳିତ ହୋଇ ଆଲୋଚନା କରିପାରିବେ। ସରସ୍ୱତୀ ଶେଷରେ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ଶେଷ କଲେ ।

ଉପସ୍ଥିତ କୃଷକମାନେ, ଅନ୍ୟ କୃଷକମାନଙ୍କୁ ପ୍ରଭାବିତ କରି କୃଷକ ଉତ୍ପାଦକ ସଙ୍ଗଠନରେ ସଦସ୍ୟଭାବେ ଯୋଗଦେବା ପାଇଁ ଆଗେଇ ଆସିଲେ। ବିକାଶର ସହଯୋଗରେ ସେମାନେ କୃଷକମାନଙ୍କୁ ସଚେତନକରି ନିମ୍ନରେ ଦିଆଯାଇଥିବା କ୍ଷୁଦ୍ର ପୁସ୍ତିକା ସେମାନଙ୍କ ମଧ୍ୟରେ ବାଣ୍ଟିନେଲେ। ଶ୍ୟାମ ମଧ୍ୟ ଶେଷରେ ସାଥୀ କୃଷକଙ୍କ ଦ୍ୱାରା ପ୍ରଭାବିତ ହୋଇ କୃଷକ ଉତ୍ପାଦକ ସଙ୍ଗଠନରେ ଯୋଗଦେଲେ।

# କୃଷକ ଭାଇ ଓ ଭଉଣୀମାନଙ୍କୁ
# କୃଷକ ଉତ୍ପାଦକ ସଙ୍ଗଠନ ବିକାଶ ପାଇଁ ଅନୁରୋଧ

## ପୃଷ୍ଠଭୂମି

କୃଷକମାନେ ତାଙ୍କ କାର୍ଯ୍ୟରେ ପ୍ରତ୍ୟେକ ସ୍ତରରେ ବହୁ ଘାତ ପ୍ରତିଘାତ ଓ ଅସୁବିଧା ଦେଇ ଗତି କରିଥାନ୍ତି । ଏହି ଅସୁବିଧା ଗୁଡିକ ମଧ୍ୟରେ ଉନ୍ନତ ବୈଷୟିକ ଜ୍ଞାନକୌଶଳର ଅଭାବ, ପ୍ରକ୍ରିୟାକରଣ, ଉଚ୍ଚା ମୂଲ୍ୟଯୁକ୍ତ ଉତ୍ପାଦନ, ସାଇତି ରଖିବା ପଦ୍ଧତି, କୃଷି କାର୍ଯ୍ୟରେ ଅଧିକ ଖର୍ଚ୍ଚାନ୍ତ, ଉଚିତ୍ ଦରରେ ବିକ୍ରି ନକରିବା, ଯୁବସମାଜ କୃଷି କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ ନ କରିବା ଇତ୍ୟାଦି । ଏହି ସବୁ କାରଣରୁ କୃଷି ଉତ୍ପାଦନ ହାର ଲଗାତର ହ୍ରାସ ହୋଇଥାଏ, ଆୟ କମିଯାଏ । ତେଣୁ କୃଷକ ଧିରେ ଧିରେ ଅଭାବୀ ହୋଇଯାଏ ।

ଅନ୍ୟ ପକ୍ଷରେ ଖାଉଟି ଦ୍ରବ୍ୟ ସ୍ତରରେ ସମସ୍ତ ଖାଦ୍ୟଦ୍ରବ୍ୟର ଚାହିଦା ବୃଦ୍ଧି ସହ ଖାଉଟି ସ୍ତରର କୃଷି ଦ୍ରବ୍ୟ ଦର ବୃଦ୍ଧି ହୋଇ ଚାଲୁଛି । ଉଚ୍ଚ ଗୁଣବତ୍ତା ଓ ନିରାପଦ ଉତ୍ପାଦ ଇତ୍ୟାଦି ପାଇଁ ଚାହିଦା ବଢି ଚାଲିଛି ।

## କୃଷକ ଉତ୍ପାଦକ ସଙ୍ଗଠନ

ଏହିସବୁ ପୃଷ୍ଠଭୂମିକୁ ନେଇ କୃଷକ ଉତ୍ପାଦକ ସଙ୍ଗଠନକୁ ବିକଶିତ କରିବାର ଆବଶ୍ୟକତା ରହିଛି । କୃଷକ ଉତ୍ପାଦକ ସଙ୍ଗଠନ କୃଷକମାନଙ୍କୁ ଏକତ୍ରୀକରଣ କରିବା ପାଇଁ ଏକ ଅତି ପ୍ରଭାବୀ ଆନୁଷ୍ଠାନିକ ମାଧ୍ୟମ । ଏହି ସଙ୍ଗଠନ ବିଭିନ୍ନ କାର୍ଯ୍ୟକଳାପ ଯଥା; ମୂଲ୍ୟଯୁକ୍ତ ଶସ୍ୟ ସଂରକ୍ଷଣ (ସାଇତି ରଖିବା), ବିକ୍ରି ପାଇଁ ବଜାର ସୃଷ୍ଟି କରିବ, ଆର୍ଥିକ ସହଯୋଗ ବିହନ, ସାର ଇତ୍ୟାଦି ଯୋଗାଣ, ବିହନ ଉତ୍ପାଦନ ଆଦି କାର୍ଯ୍ୟ ସାମୂହିକଭାବେ କୃଷକମାନେ ନିଜେ ନିଜେ କରିବା ପାଇଁ ସାହାଯ୍ୟ ସହଯୋଗ କରିଥାଏ ।

କୃଷକ ଉତ୍ପାଦକ ସଙ୍ଗଠନ ଏକ ସ୍ୱୟଂ ଚାଳିତ ଅନୁଷ୍ଠାନ ଓ କେବଳ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର କୃଷକମାନେ ଏଥିରେ ସଦସ୍ୟତା ଗ୍ରହଣ କରଥାନ୍ତି । ତେଣୁ କୃଷକମାନେ ଏଥିରେ ସ୍ୱତଃପ୍ରବୃତ୍ତ ଭାବେ ସଦସ୍ୟତା ଗ୍ରହଣକରି ନିଜର ଅନୁଷ୍ଠାନ ନିଜେ ନିୟନ୍ତ୍ରଣ କରିଥାନ୍ତି । କୃଷକ ଉତ୍ପାଦକ ସଙ୍ଗଠନ ସରକାରଙ୍କ ନିକଟରେ ଆଇନଗତଭାବରେ ପଞ୍ଜିକରଣ କରିଥାନ୍ତି ।

# କୃଷକ ଉତ୍ପାଦନ ସଙ୍ଗଠନ ସରକାରଙ୍କ ନିକଟରେ ଆଇନଗତଭାବରେ ପଞ୍ଜିକରଣ କରିଥାନ୍ତି

## କୃଷକ ଉତ୍ପାଦକ ସଙ୍ଗଠନରେ ସାମିଲ ହୋଇଥିବା କୃଷକମାନଙ୍କର ଉପକାରୀତା -

- କୃଷକମାନଙ୍କ ଠାରୁ ତାଙ୍କର କୃଷିଜାତ ଦ୍ରବ୍ୟ ସଂଗ୍ରହ
- କୃଷିଜାତ ଦ୍ରବ୍ୟର ପ୍ରତିଯୋଗୀତାମୂଳକ ମୂଲ୍ୟ
- ବିକ୍ରିବଟା କରିବାରେ ଖର୍ଚ୍ଚ ହ୍ରାସ
- ଲାଭାଂଶ ଓ ବୋନସ୍
- କୃଷିଜନିତ ଆବଶ୍ୟକତା ଯଥା - ବିହନ, ସାର ଇତ୍ୟାଦିରେ ଖର୍ଚ୍ଚ ହ୍ରାସ
- ଉତ୍ତମ ବିହନ ଓ ଜୈବିକ ସାଧନ ମିଳିବାରେ ସୁବିଧା
- ଗୋଦାମଘର, ପ୍ରକ୍ରିୟାକରଣ ସୁବିଧା ଓ କୃଷକ ଉତ୍ପାଦକ ସଙ୍ଗଠନର କୃଷି ଯନ୍ତ୍ରପାତିର ଉପଲବ୍ଧତା
- କୃଷକ ଉତ୍ପାଦନ ସଂଗଠନ ଦ୍ୱାରା ଉତ୍ପାଦନ ପାଇଁ ଜ୍ଞାନ କୌଶଳ ଓ ପ୍ରଶିକ୍ଷଣ

କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟତା ଗ୍ରହଣ କରିସାରିବା ପରେ, ପ୍ରତି ୬ ମାସରେ ଥରେ, ଅନୁଷ୍ଠାନର ସାଧାରଣ ବୈଠକ, ଯେ କୌଣସି ପ୍ରଶିକ୍ଷଣ, ଜନ ସଚେତନତା ସଭା କିମ୍ବା କୃଷକ ଉତ୍ପାଦକ ସଙ୍ଗଠନ ସହ ବାର୍ଷିକ ସର୍ବନିମ୍ନ କାରବାର କରିବା ଏକାନ୍ତ ଆବଶ୍ୟକ ।

### ଆଗକୁ ଯିବା

କୃଷକ ଭାଇଭଉଣୀମାନେ, ଏହି ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନେଇ ଆଗେଇ ଆସନ୍ତୁ ଓ ସଦସ୍ୟତା ଦେୟରାଶି ଓ ସଂଗଠନ ପାଇଁ ଅଂଶଧନ ପଇଠ କରି ସଦସ୍ୟତା ଗ୍ରହଣ କରନ୍ତୁ । କୃଷକ ଉତ୍ପାଦକ ସଙ୍ଗଠନର କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରନ୍ତୁ । ଆପଣଙ୍କ ଚାଷବାସକୁ ନିଜ ନିୟନ୍ତ୍ରଣରେ ରଖନ୍ତୁ ଯାହା ଫଳରେ ତୁମ ପରିବାର ପାଇଁ ତୁମ ଚାଷବାସରୁ ଭଲ ରୋଜଗାର ହୋଇପାରିବ ।

୨

# କୃଷକ ଉତ୍ପାଦକ ସଙ୍ଗଠନର ଅର୍ଥ, ମୂଲ୍ୟବୋଧ ଓ ନୀତିସମୂହ

## ଅଧିବେଶନ ଉଦ୍ଦେଶ୍ୟ



**ସମସ୍ତ କୃଷକମାନେ କୃଷକ ଉତ୍ପାଦନ ସଙ୍ଗଠନର ଅର୍ଥ ଏବଂ ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକୁ ଭଲଭାବରେ ବୁଝିବା**

**ବିଷୟବସ୍ତୁ**

**୧. କୃଷକ ଉତ୍ପାଦକ ସଙ୍ଗଠନର ଅର୍ଥ**

**୨. କୃଷକ ଉତ୍ପାଦକ ସଙ୍ଗଠନର ମୂଲ୍ୟବୋଧ ଓ ନୀତିସମୂହ**

ବିକାଶ ବେସରକାରୀ ଅନୁଷ୍ଠାନର ବ୍ଲକ୍ ମୁଖ୍ୟାଳୟରେ ସବୁ ଗାଁର ଆଗ୍ରହୀ କୃଷକମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ନରସପୁର ଗ୍ରାମର ରାମାୟା ଓ ସୁଦର୍ଶନ ମଧ୍ୟ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଯଦିଓ ସେମାନଙ୍କ ମନରେ ସନ୍ଦେହ ଥିଲା, ସେମାନେ ଅନେକ ଗ୍ରାମର କୃଷକମାନଙ୍କୁ ଆଗ୍ରହର ସହ ଦେଖିଲେ ଓ ତାଲିମ୍ ଶିବିରରେ ହେଉଥିବା ଆଲୋଚନାକୁ ମନଦେଇ ଶୁଣିଲେ।

ବିକାଶ ଅନୁଷ୍ଠାନର ପ୍ରତିନିଧିମାନେ ଗ୍ରାମାଞ୍ଚଳ ସ୍ତରରେ ହୋଇଥିବା ସଚେତନତା ଶିବିରର ବିଷୟବସ୍ତୁ ବିଷୟରେ ଆଲୋଚନା କରିଥିଲେ। କୃଷିରେ ଥିବା ସମସ୍ୟା, ସୁବିଧା, ସୁଯୋଗ, ସମସ୍ୟା ଦୂର କରିବା ପାଇଁ ସାମୂହିକ କାର୍ଯ୍ୟକ୍ରମର ଆବଶ୍ୟକତା ଓ କୃଷକ ଉତ୍ପାଦକ ସଙ୍ଗଠନ ଏକ ଆନୁଷ୍ଠାନିକ ସଂସ୍ଥା ହିସାବରେ ବିଭିନ୍ନ ସାମୂହିକ କାର୍ଯ୍ୟକଳାପ କରିବା। ବିକାଶ ପ୍ରତିନିଧିମାନେ ଭୂମାତା କୃଷକ ଉତ୍ପାଦକ ସଙ୍ଗଠନ (ଯାହାକୁ ସେମାନେ ଜିଲ୍ଲାର ଅନ୍ୟ ଏକ ବ୍ଲକ୍‌ରେ ଗଠନ କରିଛନ୍ତି) ର ସଫଳ କାହାଣୀକୁ ବ୍ୟବହାର କରି ଆଲୋଚନା କରିଥିଲେ।

୯ ମାସ ପୂର୍ବରୁ ପଞ୍ଜିକୃତ ହୋଇଅଛି ଓ ଏହାର ପଞ୍ଜିକୃତ ଅଫିସ୍ ବ୍ଲକ୍ ମୁଖ୍ୟାଳୟ ଠାରେ ଅବସ୍ଥିତ। ଏଥିରେ ପ୍ରାୟ ୫୦୦ କୃଷକ କ୍ଷୁଦ୍ର ଓ ନାମମାତ୍ର କୃଷକମାନେ ପ୍ରତ୍ୟେକ ସଦସ୍ୟ ୧୦୦୦ ଟଙ୍କା ଅଂଶଧନ ଦେଇ ସଦସ୍ୟତା ଗ୍ରହଣ କରିଥିଲେ । ତେଣୁ ଏହି ୫୦୦ ଜଣ କୃଷକ ଏହି ଉତ୍ପାଦକ ସଙ୍ଗଠନର ମାଲିକ ଅଟନ୍ତି।

୫୦୦ ସଦସ୍ୟଙ୍କ ମଧ୍ୟରୁ ୪୦୦ ସଦସ୍ୟ ସେମାନଙ୍କର ପ୍ରଥମ ସାଧାରଣ ସଭାରେ ଯୋଗଦେଇଥିଲେ। ସକ୍ରିୟଭାବେ ଗଣତାନ୍ତ୍ରିକ ପଦ୍ଧତିରେ ତାଙ୍କର ବୋର୍ଡର ନିର୍ଦ୍ଦେଶକମଣ୍ଡଳୀକୁ ନିର୍ବାଚିତ କରିଥିଲେ, ବାଇଲର ଅନୁମୋଦନ କରିଥିଲେ ଓ ଆସନ୍ତା ଏକ ବର୍ଷପାଇଁ ଯୋଜନା ତିଆରି କରିଥିଲେ। ଏହି ଯୋଜନାରେ ପ୍ରାୟ ସବୁ ସଦସ୍ୟଙ୍କ ନିହାତି ଆବଶ୍ୟକତାକୁ ଅଗ୍ରାଧିକାର ଭିତ୍ତିରେ ସେବାଭୁକ୍ତ କରିଥିଲେ ଯଥା; ସଦସ୍ୟଙ୍କୁ ଉତ୍ତମ ବିହନ ଯୋଗାଣ ଓ ସଦସ୍ୟଙ୍କ କୃଷିଜାତ ଦ୍ରବ୍ୟର ସାମୂହିକ ବିକ୍ରିବଟା।

ସେମାନେ ଏକ କାର୍ଯ୍ୟାଳୟ ସ୍ଥାପନକରି ସେଥିରେ ହିସାବକିତାବ ପାଇଁ ପଞ୍ଜିକରଣ ଖାତା, ତଥ୍ୟ ରଖିବାପାଇଁ କମ୍ପ୍ୟୁଟର, ଟେଲିଫୋନ୍ ଏବଂ ଆବଶ୍ୟକୀୟ ଆସବାବପତ୍ର ରଖିଲେ। କୃଷକ ଉତ୍ପାଦକ ସଙ୍ଗଠନର ପ୍ରତ୍ୟେକ କାର୍ଯ୍ୟକୁ ପରିଚାଳନା କରିବାପାଇଁ ଜଣେ ପରିଚାଳକଙ୍କୁ ନିଯୁକ୍ତି ଦେଲେ। କୃଷକ ଉତ୍ପାଦକ ସଂଗଠନ ସେମାନଙ୍କର ଆୟକର ପାଇଁ ସ୍ଥାୟୀ ଆକାଉଣ୍ଟ ନମ୍ବର (PAN) କାର୍ଡ, ବ୍ୟବସାୟିକ କର ପାଇଁ ଦ୍ରବ୍ୟ ଓ ସେବା ଟିକସ ନମ୍ବର ସେମାନଙ୍କ ନାମରେ କରିଲେ।

## କୃଷକ ଉତ୍ପାଦକ ସଂଗଠନର ଅର୍ଥ

ଏହି ସବୁ ତଥ୍ୟ ବା ଘଟଣା ଉପସ୍ଥାପନା କଲାପରେ ବିକାଶ ଏନଜିଓ ପ୍ରତିନିଧି କୃଷକମାନଙ୍କୁ ପଚାରିଲେ, ଭୂମାତା କୃଷକ ଉତ୍ପାଦକ ସଂଗଠନର ଉଦ୍ଦେଶ୍ୟ କ'ଣ ବୋଲି ତୁମ୍ଭେମାନେ ଭାବୁଛ" ?

------------------------------------------------------------------------------------------

------------------------------------------------------------------------------------------

ଏହି ତଥ୍ୟରୁ ଆମେ ଜାଣିଲେ କୃଷକ ଉତ୍ପାଦକ ସଂଗଠନ ଗୋଟିଏ ଆନୁଷ୍ଠାନିକ ପଞ୍ଜିକୃତ ଅନୁଷ୍ଠାନ ଯାହା ସଦସ୍ୟମାନଙ୍କର ଓ ଏହାର ନିୟନ୍ତ୍ରଣ ଓ ପରିଚାଳନା ନିଜ ସଦସ୍ୟଙ୍କ ଦ୍ୱାରା ହୋଇଥାଏ। ଏହି ସଙ୍ଗଠନର ଉଦ୍ଦେଶ୍ୟ ସଦସ୍ୟ ମାନଙ୍କର ସାଧାରଣ ଆବଶ୍ୟକତାକୁ ପୂରଣ କରିବା।

କୃଷକମାନଙ୍କ ଠାରୁ ଉତ୍ତର ପାଇସାରିବାପରେ ଏନଜିଓ ପ୍ରତିନିଧି ପୁଙ୍ଖାନୁପୁଙ୍ଖ ଆଲୋଚନା କରି କୃଷକ ଉତ୍ପାଦକ ସଂଗଠନର ଅର୍ଥ ସାରାଂଶକରି ନିମ୍ନମତେ ଉପସ୍ଥାପନା କଲେ।

କୃଷକ ଉତ୍ପାଦକ ସଂଗଠନ ଉତ୍ପାଦକ ମାନଙ୍କର ନିଜସ୍ୱ ଏକ ସ୍ୱୟଂଶାସିତ ସଂଘ, ଯେଉଁମାନେ କି ସ୍ୱେଚ୍ଛାକୃତ ଭାବେ ଏକାଠି ହୋଇ ସେମାନଙ୍କର ଅର୍ଥନୈତିକ ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ ଗଣତାନ୍ତ୍ରିକ ଭାବେ ନିୟନ୍ତ୍ରିତ ଉଦ୍ୟୋଗ। କୃଷକ ଉତ୍ପାଦକ ସଂଗଠନ ସଦସ୍ୟମାନଙ୍କର ଆଗ୍ରହକୁ ନେଇ ସମସ୍ତଙ୍କର ଲାଭ ପାଇଁ ଚେଷ୍ଟା କରିଥାଏ ।

ସେ ମଧ୍ୟ, କୃଷକ ଉତ୍ପାଦକ ସଂଗଠନର ବିଶେଷତ୍ୱକୁ ନିମ୍ନମତେ ପ୍ରତିପାଦିତ କରିଥିଲେ ।

- ସଦସ୍ୟମାନେ ହେଉଛନ୍ତି ମାଲିକ
- ସଦସ୍ୟମାନେ ହେଉଛନ୍ତି ଉପଭୋକ୍ତା
- ବ୍ୟବହାରକାରୀମାନେ ହେଉଛନ୍ତି ନିୟନ୍ତ୍ରଣକାରୀ
- ବ୍ୟବହାରକାରୀମାନେ ହେଉଛନ୍ତି ଲାଭାର୍ଥୀ

## କୃଷକ ଉତ୍ପାଦକ ସଂଗଠନର ମୂଲ୍ୟବୋଧ ଏବଂ ନୀତିସମୂହ


କୃଷକ ଉତ୍ପାଦକ ସଂଗଠନ ଗଠନକାରୀଙ୍କ ପ୍ରଶିକ୍ଷଣରେ ରାମାୟା ଓ ସୁଦର୍ଶନ ଉପସ୍ଥିତ ଥିଲେ। ଏହାଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ, ଯେଉଁଥିରେ କି ସମବାୟିକ ମୂଲ୍ୟବୋଧ ଏବଂ ସମବାୟିକ ନୀତି ବିଷୟକୁ ନେଇ ଆଲୋଚନା କରାଗଲା। ବର୍ତ୍ତମାନ ଯେହେତୁ କୃଷକ ଉତ୍ପାଦକ ସଂଗଠନ ଗଠନ ହୋଇଯାଇଛି ସେମାନଙ୍କ ସମବାୟିକ ମୂଲ୍ୟବୋଧ ଏବଂ ସମବାୟିକ ନୀତିସମୂହ ମାନି କାମ କରିବା ଓ ଆଗକୁ ଏ ବିଷୟରେ  ଅଧିକ ଜାଣିବା।

# ସମବାୟିକ ମୂଲ୍ୟବୋଧ

ଯେ କୌଣସି କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ନିମ୍ନଲିଖିତ ମୂଲ୍ୟବୋଧ ଗୁଡିକୁ ନିଜର କରିବାକୁ ହେବ।

**ସମବାୟିକ ମୂଲ୍ୟବୋଧ**

ନିଜେ ନିଜକୁ ସହାୟତା କରିବା



ନିଜର ଦାୟିତ୍ୱବୋଧତା




Democracy ଗଣତନ୍ତ୍ର



Equality ସମାନତା




Equality ସମତା




Solidarity ସଦସ୍ୟମାନଙ୍କର ସଂହତି



### ନିଜେ ନିଜକୁ ସାହାଯ୍ୟ କରିବା (ଆତ୍ମନିର୍ଭରଶୀଳତା)

ଆମେ ସଦସ୍ୟ ହିସାବରେ ଏକାଠି ହୋଇ ଆମ ପରିବାର, ନିଜ ଗ୍ରାମ, ବ୍ଲକ୍ ଏବଂ ଗୋଷ୍ଠିରେ ନୂଆ କାମ କରି ଦେଖାଇବା ।

### ନିଜର ଦାୟିତ୍ୱବୋଧତା

କୃଷକ ଉତ୍ପାଦକ ସଙ୍ଗଠନ ଆଶାକରେ ଯେ ତା'ର ସଦସ୍ୟମାନେ ଅତିକମ୍‌ରେ ଏହି ସଙ୍ଗଠନ ପାଇଁ ନୀତିନିୟମ ଏବଂ ବ୍ୟବସାୟିକ ନିୟମରେ ଥିବା ସର୍ବନିମ୍ନ ଦାୟିତ୍ୱ ତୁଲାଇବା ଦରକାର । କୃଷକ ଉତ୍ପାଦକ ସଙ୍ଗଠନର ସଫଳ ରୂପାୟନ ପାଇଁ ଆମ୍ଭେମାନେ ନିଜର ଦାୟିତ୍ୱ, ସହଯୋଗୀତା ଓ ସେବା କାର୍ଯ୍ୟକୁ ଯଥାସାଧ୍ୟ ପୂରଣ କରିବାକୁ ଚେଷ୍ଟା କରିବା । ଆମେ ମଧ୍ୟ ଅନ୍ୟ ସଦସ୍ୟମାନଙ୍କୁ ସହଯୋଗ କରିବା ପାଇଁ ଉତ୍ସାହିତ କରିବା ।

### ଗଣତନ୍ତ୍ର

ସାଧାରଣତଃ ବ୍ୟବସାୟିକ ସଙ୍ଗଠନରେ ପୁଞ୍ଜି ବିନିଯୋଗ ଉପରେ ମତ ଦେବା ପାଇଁ କ୍ଷମତା ଥାଏ । କିନ୍ତୁ ଆମ କୃଷକ ଉତ୍ପାଦକ ସଙ୍ଗଠନରେ ସମସ୍ତ ସଦସ୍ୟ ମାନେ ସମାନ । ମତ ଦେବା ଅଧିକାର କିଣା ଯାଇ ପାରିବ ନାହିଁ । ଜଣେ ସଦସ୍ୟଙ୍କ ପାଇଁ ଗୋଟିଏ ମତ ଦେବାର ଅଧିକାର ଅଛି ।

### ସମାନତା

କୃଷକ ଉତ୍ପାଦକ ସଙ୍ଗଠନର ସମସ୍ତ ସଦସ୍ୟମାନଙ୍କର ସାମିଲ ହେବା ପାଇଁ ସମାନ ସୁଯୋଗ ଅଛି, ଯେମିତି କି ନ୍ୟାୟସଙ୍ଗତ ବ୍ୟାପାର ପାଇଁ ଅଭିଯାନ କରାଯାଏ ।

### ସମତା

ଆମ କୃଷକ ଉତ୍ପାଦକ ସଙ୍ଗଠନ ପ୍ରତ୍ୟେକ ଦିଗରେ ନ୍ୟାୟ ପାଇଁ ନିଷ୍ଠାର ସହ କାମ କରିବା ଉଚିତ୍ । ଆମେ ଅନୁଷ୍ଠାନକୁ ଚଳାଇବା ପାଇଁ ଆବଶ୍ୟକୀୟ ସମ୍ବଳ ଯଥା ନଗଦ କିମ୍ବା ଜିନିଷ ଆକାରରେ ବିନିଯୋଗ କରିବା ।

### ସଂହତି/ସଙ୍ଗବଦ୍ଧତା

ମଜଭୁତ ହେବା ପାଇଁ ଆମେ ଏକାଠି ହେବା ଆମ ଅନୁଷ୍ଠାନକୁ ଅଧିକ ସୁଦୃଢ଼ କରିବା ।

ଏହି ସମସ୍ତ ମୂଲ୍ୟବୋଧଗୁଡିକୁ ଜାଣିବା ସହିତ ଏହା ଉପରେ ଆମର ବୁଝାମଣା କେତେ ଅଛି, ଆମ କୃଷକ ଉତ୍ପାଦକ ସଙ୍ଗଠନ କେଉଁ ମୂଲ୍ୟବୋଧ ଗୁଡିକ ପ୍ରଦର୍ଶନ କରୁଛନ୍ତି, ତାହାକୁ ଆକଳନ କରିବା ।

| ମୂଲ୍ୟବୋଧ | ପ୍ରଦର୍ଶନ ହଁ/ନା/ ଜାଣି ନାହିଁ | କେଉଁ ଅଭ୍ୟାସ ସବୁ ତୁମେ ଚିହ୍ନଟ କରିପାରିବ |
|---|---|---|
| ଆତ୍ମନିର୍ଭରଶୀଳତା | | |
| ନିଜର ଦାୟିତ୍ୱବୋଧତା | | |
| ଗଣତନ୍ତ୍ର | | |
| ସମାନତା | | |
| ସମତା | | |
| ସଂହତି/ସଙ୍ଗବଦ୍ଧତା | | |

**ସମବାୟ ନୀତିସମୂହ -** କୃଷକ ଉତ୍ପାଦକ ସଙ୍ଗଠନ ସମବାୟ କିମ୍ବା କମ୍ପାନୀ ହୁଅନ୍ତୁ, ଆମେ କିଛି ସମବାୟିକ ନୀତିସମୂହ ପାଳନ କରିବା ଯାହା ପୃଥିବୀରେ ଆଦୃତ ଓ ଗ୍ରହଣୀୟ। ଅନେକ ସମବାୟ ଆଇନ୍ ଅନୁସାରେ ପରିଚାଳିତ ହୁଅନ୍ତି । ନିମ୍ନରେ ଏହି ନୀତି ଗୁଡିକ ପ୍ରଦାନ କରାଗଲା -


## ନୀତି -୧ ସ୍ୱେଚ୍ଛାକୃତ ଏବଂ ମୁକ୍ତ ସଦସ୍ୟତା ଗ୍ରହଣ

ସମବାୟ ସମିତି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଏହା ଲିଙ୍ଗ, ସଂପ୍ରଦାୟ, ଜାତି କିମ୍ବା ଧର୍ମ ଦୃଷ୍ଟିରୁ ଭେଦଭାବ ନରଖି ଆଗ୍ରହୀ ବ୍ୟକ୍ତି ସଦସ୍ୟତା ଗ୍ରହଣ କରି ବଭିନ୍ନ ସେବା ପାଇପାରିବେ ।




## ନୀତି-୨ ଗଣତାନ୍ତ୍ରିକ ସଭ୍ୟ ନିୟନ୍ତ୍ରଣ

ସମବାୟ ଏକ ଗଣତାନ୍ତ୍ରିକ ଅନୁଷ୍ଠାନ ଯେ କି ନିଜ ସଦସ୍ୟ ମାନଙ୍କଦ୍ୱାରା ନିୟନ୍ତ୍ରିତ ହୋଇଥାଏ, ଯେ କି ନୀତି ପ୍ରସ୍ତୁତ କରିବାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ନିଷ୍ପତ୍ତି ନେଇଥାଏ। ପରିଷଦ ସଦସ୍ୟମାନଙ୍କ ପାଖରେ ଉତ୍ତରଦାୟୀ, ପ୍ରାଥମିକ ସମବାୟ ସ୍ତରରେ ପ୍ରତ୍ୟେକ ସଭ୍ୟ ଗୋଟିଏ ମତ ଦେବାର ଅଧିକାର ଅଛି ଏବଂ ଅନ୍ୟ ସ୍ତରରେ  ସମବାୟ ଗଣତାନ୍ତ୍ରିକ ପଦ୍ଧତିରେ ସଙ୍ଗଠିତ ହୋଇଥାଏ।



## ନୀତି -୩ ସଦସ୍ୟମାନଙ୍କର ଆର୍ଥିକ ଅଂଶଗ୍ରହଣ

ସଭ୍ୟମାନେ ସମାନ ଭାବରେ ଅଂଶଧନ ଦେଇଥାନ୍ତି ଓ ଗଣତାନ୍ତ୍ରିକ ଭାବେ ସମବାୟର ପୁଞ୍ଜିକୁ ନିୟନ୍ତ୍ରଣ କରିଥାନ୍ତି, ଅନ୍ତତଃ ସେହି ପୁଞ୍ଜିର କିଛି ଅଂଶ ସମବାୟ ସମିତିର ସାଧାରଣ ସମ୍ପତ୍ତି ହିସାବରେ ଧରାଯାଏ। ସଦସ୍ୟମାନଙ୍କର ଆର୍ଥିକ ଅବସ୍ଥାକୁ ବିଚାରକୁ ନେଇ ସେହି ପୁଞ୍ଜିରୁ ସ୍ୱଳ୍ପ କ୍ଷତିପୂରଣ ଦିଆଯାଇଥାଏ। ଉଦ୍ଦେଶ୍ୟ ପରିପୂରଣ ପାଇଁ ଯଥା; ସମବାୟର ବିକାଶ, ସଂରକ୍ଷିତ ରାଶି, ଯାହାର ଅନ୍ତତଃ କୌଣସି ଅଂଶର କିଛି ଅବିଭାଜ୍ୟ ସମବାୟ ସହ ସଦସ୍ୟଙ୍କ ଦେଣନେଣ ଅନୁପାତରେ ସଦସ୍ୟଙ୍କୁ ଲାଭାଂଶ ଦେବା ଓ ସଦସ୍ୟଙ୍କ ଦ୍ୱାରା ଅନୁମୋଦିତ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବା ।




## ନୀତି -୪ ସ୍ୱୟଂଶାସନ ଓ ସ୍ୱାଧିନତା

ସମବାୟ ଏକ ସ୍ୱୟଂଚାଳିତ ଓ ନିଜେ ନିଜକୁ ସହଯୋଗ କରିବା ସମିତି ଯେ କି ନିଜ ସଭ୍ୟଙ୍କ ଦ୍ୱାରା ନିୟନ୍ତ୍ରିତ। ଯଦି ସେମାନେ ଅନ୍ୟ ସମବାୟର ସ୍ୱାୟତ୍ତତା ବଜାୟ ରଖି ଓ ସଦସ୍ୟମାନଙ୍କର ଗଣତାନ୍ତ୍ରିକ ନିୟନ୍ତ୍ରଣକୁ ନିଶ୍ଚିତ କରି ସେମାନେ ସରକାରୀ ଅନୁଷ୍ଠାନ ସମେତ ବାହାର ସଂସ୍ଥା ସହ ଚୁକ୍ତିନାମା କରିପାରିବେ ଅଥବା ବାହାର ସଂସ୍ଥାରୁ ମୂଳପୁଞ୍ଜି ନିମନ୍ତେ ଟଙ୍କା ଉଠାଇପାରିବେ।




## ନୀତି -୫ ଶିକ୍ଷା, ତାଲିମ୍ ଏବଂ ସୂଚନା

ସମବାୟ, ସେମାନଙ୍କର ସଦସ୍ୟ, ନିର୍ବାଚିତ ପ୍ରତିନିଧି, ପରିଚାଳକ, ଅନ୍ୟ ନିଯୁକ୍ତ କର୍ମଚାରୀମାନଙ୍କୁ ଶିକ୍ଷା ଏବଂ ତାଲିମ୍ ଯୋଗାଇ ଦେଇଥାଏ। ଯାହାଫଳରେ ସେମାନେ ସମବାୟର ବ୍ୟବସାୟିକ ଉନ୍ନତି ପାଇଁ ପ୍ରଭାବୀଭାବେ କାମ କରିପାରିବେ।



## ନୀତି-୬ ସମବାୟମାନଙ୍କ ମଧ୍ୟରେ ସହଯୋଗ

ସମବାୟ ସେମାନଙ୍କର ସଦସ୍ୟମାନଙ୍କୁ ପ୍ରଭାବୀ ସେବା ପ୍ରଦାନ କରିଥାଏ ଏବଂ ସମବାୟ ଆନ୍ଦୋଳନକୁ ମଜବୁତ କରିବା ପାଇଁ ଆଞ୍ଚଳିକ, ଜାତୀୟ ଏବଂ ଆର୍ନ୍ତଜାତିକ ସ୍ତରରେ ଏକାଠି ହୋଇ କାର୍ଯ୍ୟ କରିଥାନ୍ତି।



## ନୀତି -୭ ଉତ୍ପାଦକ କମ୍ପାନୀମାନଙ୍କ ମଧ୍ୟରେ ସହଯୋଗ

ସମବାୟ ସମିତି ସେମାନଙ୍କର ଗୋଷ୍ଠିର ଦୀର୍ଘସ୍ଥାୟୀ ବିକାଶ କରିବା ନିମନ୍ତେ ସଦସ୍ୟମାନଙ୍କ ଦ୍ୱାରା ନୀତିସମୂହ ଅନୁମୋଦିତ କରିଥାଏ । ସଂଲଗ୍ନରେ ସମବାୟ ନୀତିଗୁଡିକର ବର୍ଣ୍ଣନା କରାଯାଇଛି । ବର୍ତ୍ତମାନ ସମବାୟ ନୀତି ବିଷୟରେ ଜାଣିବା ପରେ ଆମ ଆବଶ୍ୟକତାକୁ ଚାହିଁ ଏହିସବୁ ନୀତିନିୟମ କୃଷକ ଉତ୍ପାଦକ ସଙ୍ଗଠନରେ ଅଭ୍ୟାସ କାର୍ଯ୍ୟ ନିଶ୍ଚିତ କରିବା । ନିମ୍ନଲିଖିତ ସାରଣୀରେ କୃଷକ ଉତ୍ପାଦକ ସଙ୍ଗଠନ ଏହି ସମବାୟ ନୀତିଗୁଡିକୁ କିପରି ଅଭ୍ୟାସ କରିବ ତାହା ଦିଆଯାଇଛି । ଏହା ମଧ୍ୟ ଯାଞ୍ଚତାଲିକା ହିସାବରେ ସମବାୟ ନୀତିଗୁଡିକୁ କେତେଦୂର ଅଭ୍ୟାସ କରୁଛି ତାହା ଆକଳନ କରାଯାଇପାରିବ ।







## କୃଷକ ଉତ୍ପାଦକ ସଙ୍ଗଠନ ସମବାୟ ସମୂହର ଅଭ୍ୟାସ

| ସମବାୟ ନୀତି | ଅଭ୍ୟାସସମୂହ | ଅଭ୍ୟାସସମୂହ ପାଇଁ ଯାଞ୍ଚ ତାଲିକା |
|---|---|---|
| **୧ ସ୍ୱେଚ୍ଛାକୃତ ଏବଂ ମୁକ୍ତ ସଦସ୍ୟତା** | | |
| ସଦସ୍ୟତା ଗ୍ରହଣର ନିୟମ | • ସଦସ୍ୟତା ପାଇଁ ଆବଶ୍ୟକୀୟ ଯୋଗ୍ୟତା<br>• ସଦସ୍ୟତା ପାଇଁ ପ୍ରଣାଳୀ/ପଦ୍ଧତି<br>• ସଦସ୍ୟପଦରୁ ବହିଷ୍କାର ପଦ୍ଧତି | • ଉପବିଧିଏବଂ ବ୍ୟବସାୟିକ ନିୟମ<br>• ଦରଖାସ୍ତ/ଆବେଦନ ପତ୍ର<br>• ସଦସ୍ୟତା ରେଜିଷ୍ଟର, ରସିଦ ଏବଂ ଲେଜର ବହି, ଅଂଶଧନର ପ୍ରମାଣପତ୍ର<br>• ସଭ୍ୟପଦରୁ ବାହାରିବା ପାଇଁ ରେଜିଷ୍ଟର ଏବଂ ଆବେଦନ ପତ୍ର |

| ସମବାୟ ନୀତି | ଅଭ୍ୟାସସମୂହ | ଅଭ୍ୟାସସମୂହ ପାଇଁ ଯାଞ୍ଚ ତାଲିକା |
|---|---|---|
| ସେବାସମୂହର ବ୍ୟବହାର | • କୃଷକ ଉତ୍ପାଦକ ସଙ୍ଗଠନ ଦ୍ୱାରା ଯୋଗାଇ ଦିଆ ଯାଉଥିବା ସେବାସମୂହ | • ପ୍ରତ୍ୟେକ ସେବାପାଇଁ ବ୍ୟବସାୟିକ ପଞ୍ଜିକରଣ, ସଭ୍ୟଙ୍କ ଜମାଖାତା ଏବଂ ସେବା ଅନୁଯାୟୀ ଲେଜର |
| ସଦସ୍ୟମାନଙ୍କର ଦାୟିତ୍ୱବୋଧତା | • ସଭ୍ୟଙ୍କଠାରୁ ସର୍ବନିମ୍ନ ବ୍ୟବସାୟିକ ଦେଣନେଣ ନିର୍ଦ୍ଧାରଣ/ସଦସ୍ୟତା ଜାରି ରଖିବା ପାଇଁ ମାପଦଣ୍ଡ<br>• ନିର୍ବାଚନରେ ଲଢିବା ପାଇଁ ମାପଦଣ୍ଡ<br>• ସଦସ୍ୟମାନଙ୍କର ଖିଲାପୀ ବିବରଣୀ: ଅଂଶଧନ ପରିଶୋଧ<br>• ସଦସ୍ୟତା ଦେୟ, ସେବା ଦେୟ, ସଭ୍ୟଙ୍କ ଅନୁଦାନ, ସଞ୍ଚୟ, ଋଣ | • ଉପବିଧି ବ୍ୟବସାୟିକ ନିୟମ<br>• ବାର୍ଷିକ ସାଧାରଣ ପରିଷଦ ବୈଠକ ବିବରଣୀ ଖାତା<br>• ଭୋଟର ତାଲିକା<br>• ସଭ୍ୟମାନଙ୍କ ଲେଜର/କ୍ୟାସ ବହି |
| **୨- ଗଣତାନ୍ତ୍ରିକ ସଦସ୍ୟ ନିୟନ୍ତ୍ରଣ** | | |
| ଗଣତାନ୍ତ୍ରିକ ଅନୁଷ୍ଠାନ | **ପରିଷଦ ଗଠନ**<br>• କେବଳ ସଭ୍ୟମାନଙ୍କ ମଧ୍ୟରୁ<br>• ପରିଷଦର କାର୍ଯ୍ୟକାଳ<br>• ନିର୍ବାଚନ ପ୍ରକ୍ରିୟା<br>• ପ୍ରତିନିଧିତ୍ୱ- ଭୌଗଳିକ, ପ୍ରକାର, ଲିଙ୍ଗଗତ ଇତ୍ୟାଦି<br>• ଯଦି ଏହା ସଂଘ ହୋଇଥାଏ, ଆକାର ଅନୁସାରେ ପ୍ରତିନିଧିତ୍ୱ, ଆଞ୍ଚଳିକ ପ୍ରତିନିଧିତ୍ୱ, ଲିଙ୍ଗ ଇତ୍ୟାଦି | • ଉପବିଧି ବ୍ୟବସାୟିକ ନିୟମ<br>• ନୀତିସମୂହ ଏବଂ ପ୍ରଣାଳୀ<br>• ବାର୍ଷିକ ସାଧାରଣ ପରିଷଦ ବୈଠକ ବିବରଣୀ ଖାତା |
| ନିର୍ବାଚିତ ପ୍ରତନିଧିମାନେ ସଭ୍ୟମାନଙ୍କ ପାଖରେ ଉତ୍ତରଦାୟୀ | • ପରିଚାଳନାରେ ସ୍ୱଚ୍ଛତା<br>• ସଭ୍ୟମାନଙ୍କର ମତାମତ ଏବଂ ଅଭିଯୋଗ ଶୁଣାଣି ପାଇଁ ବ୍ୟବସ୍ଥା<br>• ନିୟମିତ ନିର୍ବାଚନ<br>• ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟପଦ ପାଇଁ ଯୋଗ୍ୟତା ଏବଂ ପୁନଃ ନିର୍ବାଚିତ ହେବା ପାଇଁ ନିୟମ<br>• ନିର୍ବାଚିତ ପ୍ରତିନିଧିଙ୍କୁ ଫେରାଇନେବା ଓ ବହିଷ୍କାର କରିବା<br>• ଆନ୍ତଃ ନିୟନ୍ତ୍ରଣସମୂହ | • ହିସାବକିତାବରେ ପୂର୍ଣ୍ଣତା<br>• ବାର୍ଷିକ ସାଧାରଣ ଓ କାର୍ଯ୍ୟକାରିଣୀ ବୈଠକର ବିବରଣୀ ଖାତା<br>• ଅଡିଟ୍ ବିବରଣୀସମୂହ<br>• ଅଡିଟ୍ ରିପୋର୍ଟ ଅନୁସାରେ ନେଇଥିବା ପଦକ୍ଷେପର ବିବରଣୀ<br>• ସଂପୂର୍ଣ୍ଣ ବାର୍ଷିକ ବିବରଣୀ<br>• ବୋର୍ଡର କାର୍ଯ୍ୟ ସମ୍ପାଦନ ବିବରଣୀ |

| ସମବାୟ ନୀତି | ଅଭ୍ୟାସସମୂହ | ଅଭ୍ୟାସସମୂହ ପାଇଁ ଯାଞ୍ଚ ତାଲିକା |
|---|---|---|
| **୩- ସଦସ୍ୟମାନଙ୍କର ଆର୍ଥିକ ଅଂଶଗ୍ରହଣ** | | |
| କୃଷକ ଉତ୍ପାଦକ ସଙ୍ଗଠନର ନିଜସ୍ୱ ପାଣ୍ଠି | • କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ସଭ୍ୟମାନଙ୍କ ଅନୁଦାନ<br>• ଅଂଶଧନ<br>• ସଂଚୟ<br>• ସଭ୍ୟ ଚାନ୍ଦା<br>• ସଭ୍ୟଙ୍କ ସଞ୍ଚୟ ପାଣ୍ଠି | • ସାଧାରଣ ଲେଜର ଏବଂ ଆର୍ଥିକ ବିବରଣୀ |
| ପୁଞ୍ଜିର ଗଣତାନ୍ତ୍ରିକ ନିୟନ୍ତ୍ରଣ | ବାର୍ଷିକ ସାଧାରଣ ବୈଠକରେ ସାଧାରଣ ପରିଷଦ ନିଷ୍ପତ୍ତି ନେଇଥାଏ-<br>• ଅଶଧନ ଉପରେ ସୁଧର ହାର<br>• ଆବଶ୍ୟକୀୟ ରିହାତି<br>• ସଂରକ୍ଷିତ ପାଣ୍ଠି ସୃଷ୍ଟି ଓ ସେଥିପାଇଁ ପୁଞ୍ଜି ବ୍ୟବସ୍ଥା<br>• ପାଣ୍ଠିସୃଷ୍ଟି ଓ ବିନିଯୋଗ ପାଇଁ ଅନୁମୋଦନ<br>• ନିଅଣ୍ଟ ପରିଚାଳନା | • ସାଧାରଣ ଲେଜର<br>• ମେମ୍ବର ଲେଜର<br>• ବାର୍ଷିକ ସାଧାରଣ ବୈଠକ ବିବରଣୀ |
| **୪- ସ୍ୱୟଂଶାସନ ଏବଂ ସ୍ୱାଧିନତା** | | |
| ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା | • ପରିଷଦ ଦ୍ୱାରା ଶେଷ ନିଷ୍ପତ୍ତି<br>• ଚୁକ୍ତିପତ୍ର ଦସ୍ତଖତ କରିବା ପୂର୍ବରୁ ପରିଷଦ ସର୍ତ୍ତାବଳୀ ସବୁର ଆଲୋଚନା କରିବା ଉଚିତ୍<br>• ଚୁକ୍ତିପତ୍ରରେ ଅନ୍ୟ ଅନୁଷ୍ଠାନର କୌଣସି ନିୟନ୍ତ୍ରଣ ରହିବା ନିଶ୍ଚିତ କରିବା- ବିଶେଷ କରି ବଦଳ କର୍ମଚାରୀ, କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ଦରମା ଦେବା, ପରିଚାଳନା ପାଇଁ ନୁହେଁ ମାତ୍ର ଦକ୍ଷତା ବୃଦ୍ଧି ପାଇଁ ଋଣ ବା ଅନୁଦାନଭାବେ ପାଣ୍ଠି ପ୍ରଦାନ, ଦୁଇ ପକ୍ଷର ସ୍ପଷ୍ଟ ଭୂମିକା ଓ ଦାୟିତ୍ୱସମୂହ | • ସାଧାରଣ ଲେଜର ଓ ଆର୍ଥିକ ବିବରଣୀସମୂହ |

| ସମବାୟ ନୀତି | ଅଭ୍ୟାସସମୂହ | ଅଭ୍ୟାସସମୂହ ପାଇଁ ଯାଞ୍ଚ ତାଲିକା |
|---|---|---|
| ଆତ୍ମନିର୍ଭରଶୀଳତା | • ପରିଚାଳନାଗତ ଓ ଆର୍ଥିକ ଖର୍ଚ୍ଚ ପାଇଁ ବ୍ୟବସାୟରୁ ଆୟ କରିବା<br>• ସ୍ଥାନୀୟ ସମ୍ବଳ ବ୍ୟକ୍ତି ସମୂହ ସୃଷ୍ଟି କରିବା-ଉତ୍ତମ ପେସାଦାରୀ ବ୍ୟକ୍ତି, ଯୁବକ (ଗୋଷ୍ଠି ସମ୍ବଳ ବ୍ୟକ୍ତି) ଇତ୍ୟାଦି<br>• ସଂଘର ଉଚ୍ଚସ୍ତରରେ ଥିବା ଅନୁଷ୍ଠାନ ଓ ନେଟ୍‌ୱାର୍କରେ ସଦସ୍ୟତା<br>• କୃଷକ ଉତ୍ପାଦକ ସଂଗଠନର ଶାସନରେ ହସ୍ତକ୍ଷେପ ନ କରିବା | • ପରିଚାଳନା ଗତ ଆର୍ଥିକ-ସ୍ୱଚ୍ଛଳତା<br>• ଅର୍ଥନୈତିକ ସ୍ୱଚ୍ଛଳତା<br>• ପାଣ୍ଠି ଯୋଗାଡ ଓ ଶାସନ ସମ୍ବନ୍ଧୀୟ ନୀତିସମୂହ<br>• ସିଆରପି ଖାତା |
| **୫- ଶିକ୍ଷା, ପ୍ରଶିକ୍ଷଣ ଏବଂ ସୂଚନା** | | |
| ସଦସ୍ୟମାନଙ୍କ ଶିକ୍ଷା | • ସଦସ୍ୟମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା<br>• ଉତ୍ତମ ସଦସ୍ୟମାନଙ୍କୁ ପୁରସ୍କାର ଦେବା<br>• ସଦସ୍ୟମାନଙ୍କୁ ସୂଚନା ଦେବା<br>• ପ୍ରଶିକ୍ଷଣ ଓ ସଫଳ କାର୍ଯ୍ୟକ୍ରମ ବୁଲି ଦେଖିବା<br>• ସୂଚନା ଓ ଯୋଗାଯୋଗ କୌଶଳର ବ୍ୟବହାର<br>• ନୂତନ ବୈଷୟିକ ଯନ୍ତ୍ରପାତି ଇତ୍ୟାଦିର ପ୍ରଦର୍ଶନ, କୃଷକମାନଙ୍କର କ୍ଷେତ୍ର ସ୍କୁଲ୍ | • ପ୍ରାଚୀରପତ୍ର, ପ୍ରଚାରପତ୍ର, ଦୃଶ୍ୟଶ୍ରାବ୍ୟର ବ୍ୟବହାର<br>• ପ୍ରଶିକ୍ଷଣର ଖର୍ଚ୍ଚ<br>• ପ୍ରଶିକ୍ଷଣ ବିବରଣୀ<br>• ବିଜ୍ଞାପନ ବୋର୍ଡର କାର୍ଯ୍ୟ<br>• ଦକ୍ଷ ପ୍ରଶିକ୍ଷକ ମାନଙ୍କ ସହିତ ରାଜିନାମା |
| **୬- ସମବାୟ ସମିତିମାନଙ୍କ ମଧ୍ୟରେ ସହଯୋଗ** | | |
| ସଂଘମାନଙ୍କ ସହ ସଂପର୍କ | • ସଂଗଠନ ଠାରୁ ଉପଯୁକ୍ତ ସେବା ସମୂହ ଯୋଗାଡ କରିବା ଓ ବ୍ୟବହାର କରିବା<br>• ସଂଘ ସହିତ ସୂଚନା ଆଦାନ ପ୍ରଦାନ କରିବା<br>• ସଂଘ ବୈଠକରେ ଅଂଶଗ୍ରହଣ କରିବା<br>• ସଂଘରେ ସଭ୍ୟମାନେ ଦାୟିତ୍ୱ ସମ୍ପାଦନ କରିବେ | • ପରିଷଦର ବୈଠକ ଏବଂ ବାର୍ଷିକ ସାଧାରଣ ବୈଠକରେ ସଙ୍ଗଠନର ସଂଘରେ ସଦସ୍ୟତା ବିଷୟରେ ସମୀକ୍ଷା କରିବା |

| ସମବାୟ ନୀତି | ଅଭ୍ୟାସସମୂହ | ଅଭ୍ୟାସସମୂହ ପାଇଁ ଯାଞ୍ଚ ତାଲିକା |
|---|---|---|
| ଅନ୍ୟ କୃଷକ ଉତ୍ପାଦକ ସଙ୍ଗଠନ ସହିତ ସଂପର୍କ<br>-ଅଭିଜ୍ଞତା ଓ ଶିକ୍ଷଣକୁ ବାଣ୍ଟିବା | **ଅନ୍ୟ କୃଷକ ଉତ୍ପାଦକ ସଙ୍ଗଠନ ପରିଦର୍ଶନ**<br>• ସେମାନଙ୍କ ସହିତ ନିଜର ଅନୁଭୂତି ବାଣ୍ଟିବା ଓ ସେମାନଙ୍କଠାରୁ ଶିଖିବା<br>• ମିଳିତ ବ୍ୟବସାୟ ଏବଂ ଟ୍ରେଡ୍‌କୁ ନେଇ ଅନ୍ୟ କୃଷକ ଉତ୍ପାଦକ ସଙ୍ଗଠନ ମାନଙ୍କ ସହିତ ଯୋଗଦେବା<br>• ଅନ୍ୟ ଯଥା-କୃଷକ ଉତ୍ପାଦକ ସଙ୍ଗଠନ ସହ ମିଶି ଅନ୍ୟ ସଂସ୍ଥାର ସେବାକୁ ମିଳିତଭାବେ ଗ୍ରହଣ କରିବା<br>• ଅନ୍ୟ କୃଷକ ଉତ୍ପାଦକ ସଙ୍ଗଠନ ସହିତ ମିଶି ଆଡଭୋକାସି କରିବା | • ବୋର୍ଡ/କର୍ମଚାରୀଙ୍କ ପାଇଁ ଭଲ କାମ ହୋଇଥିବା ଜାଗାକୁ ନେଇ ପରିଭ୍ରମଣ କରିବା<br>• ଅନ୍ୟ କୃଷକ ଉତ୍ପାଦକ ସଙ୍ଗଠନ ମାନଙ୍କ ସହିତ ଚୁକ୍ତିନାମା |

## ୭- ଗୋଷ୍ଠି ପାଇଁ ଦରଦୀ ମନୋଭାବ

| | | |
|---|---|---|
| ଆଞ୍ଚଳିକ ଗୋଷ୍ଠିସମୂହକୁ ସେବାପ୍ରଦାନ | • ଗୋଷ୍ଠିର ସଦସ୍ୟମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶପାଇଁ ପାଣ୍ଠିର ବ୍ୟବସ୍ଥା<br>• ଆଞ୍ଚଳିକ କର୍ମନିଯୁକ୍ତି ପାଇଁ ନୀତି<br>• ସେବା ବାବଦକୁ ଲାଭାଂଶ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି, ଏକ ଦେୟରାଶି ସ୍ଥିର କରିବା<br>• ବିକାଶମୂଳକ ଯୋଜନାକୁ ଗୋଷ୍ଠିର ବିକାଶ ପାଇଁ ଉପଲବ୍ଧ କରିବା<br>• ସ୍ଥାନୀୟ, ପ୍ରାକୃତିକ ସମ୍ପଦ ଓ ପରିବେଶ ଇତ୍ୟାଦିର ଦୀର୍ଘସ୍ଥାୟୀ ବିକାଶ ଉପରେ ଏଫପିଓ ସେବାର ପ୍ରଭାବ ସମୀକ୍ଷା କରିବା | • କ୍ଷୁଦ୍ର ପୁସ୍ତିକା, ପୋଷ୍ଟର, ଭିଡିଓ ଇତ୍ୟାଦି<br>• ପ୍ରଶିକ୍ଷଣ ନିମନ୍ତେ ପାଣ୍ଠି ବ୍ୟବସ୍ଥା<br>• ପ୍ରଶିକ୍ଷଣ ବିବରଣୀସମୂହ<br>• ନୋଟିସ୍ ବୋର୍ଡରେ ଲେଖିବା<br>• ବୈଷୟିକ ସଂସ୍ଥା ସହ ଚୁକ୍ତିନାମା |



# ଆପୋଷ ସହାୟତା ନୀତିସମୂହ

କମ୍ପାନୀ ନିୟମ ୨୦୧୩ ର ୫୮୧ଜି ଧାରାର ଉପଧାରା (୨) ଅନୁଯାୟୀ ଉତ୍ପାଦକ କମ୍ପାନୀମାନେ ସମନ୍ୱିତ ସହାୟତା, ଆପୋଷ ସହାୟତା ନୀତି ଦ୍ୱାରା ପରିଚାଳିତ ହେବେ। ଏହି ନିୟମ, ଧାର, ଉପଧାରାଗୁଡିକ ଉତ୍ପାଦକ କମ୍ପାନୀ ମାନଙ୍କର ଉପବିଧି (ବାଇଲ)ରଏକ ଅଂଶବିଶେଷ ହେବା ଆବଶ୍ୟକ। ଆମେ ଦେଖୁ ଯେ, ଏହିସବୁ ଆପୋଷ ସହାୟତା ନୀତିସମୂହ ଉପରେ ଆଲୋଚିତ ସମବାୟ ନୀତିସମୂହ ସହ ପ୍ରାୟତଃ ଏକାପରି ଅଟେ । ଏହି ନୀତିଗୁଡିକ ନିମ୍ନ ସାରଣୀରେ ବିସ୍ତୃତ ଭାବେ ପ୍ରଦାନ କରାଗଲା ।

**ସାରଣୀ - ଆପୋଷ ସହାୟତା ପାଇଁ ନୀତିସମୂହ**

## ନୀତି -୧ ସ୍ୱେଚ୍ଛାକୃତ ସଦସ୍ୟତା

ଏହି ସଦସ୍ୟତା ନିଜ ଇଚ୍ଛା ଏବଂ ସବୁ ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ଏବଂ ଯିଏ କି ଉତ୍ପାଦକ କମ୍ପାନୀରେ ଅଂଶଗ୍ରହଣ ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ନେବେ ଓ ସଦସ୍ୟ ହିସାବରେ ନିଜର ଦାୟିତ୍ୱ ତୁଲାଉଥିବେ ।

## ନୀତି-୨ ଗଣତାନ୍ତ୍ରିକ ପଦ୍ଧତିରେ ସଭ୍ୟ ନିୟନ୍ତ୍ରିତ

ଉତ୍ପାଦକ କମ୍ପାନୀମାନେ ଗଣତାନ୍ତ୍ରିକ ସଙ୍ଗଠନ ଯାହା ସେମାନଙ୍କ ସଭ୍ୟମାନଙ୍କଦ୍ୱାରା ନିୟନ୍ତ୍ରିତ ହୋଇଥାନ୍ତି। ଯେଉଁମାନେ ସକ୍ରିୟଭାବେ ଅଂଶଗ୍ରହଣକରି ମତ ଦେବା ଓ ନିଷ୍ପତ୍ତି ଗ୍ରହଣ କରିଥାନ୍ତି। ପ୍ରାଥମିକ ସ୍ତରରେ ଅଂଶଧନ ନିର୍ବିଶେଷରେ ଜଣେ ଉଦ୍ୟୋଗୀ ହିସାବରେ ଜଣେ ବ୍ୟକ୍ତି, ଗୋଟିଏ ମତଦାନ ଦେଇପାରିବେ ।

## ନୀତି-୩ ନିର୍ବାଚିତ ବୋର୍ଡଙ୍କ ଦ୍ୱାରା ଶାସନ ବ୍ୟବସ୍ଥା

ଉତ୍ପାଦକ କମ୍ପାନୀ ପରିଷଦର ନିର୍ବାଚିତ ନିର୍ଦ୍ଦେଶକମାନଙ୍କୁ ଶାସନ ଦାୟିତ୍ୱ ଏବଂ ପରିଷଦ ସଦସ୍ୟମାନଙ୍କ ପ୍ରତି ଉତ୍ତରଦାୟୀ ରହିବ।

## ନୀତି-୪ ସୀମିତ ଲାଭାଂଶ ଫେରସ୍ତ

ଅଂଶଧନ ବିନିଯୋଗ କରିଥିବା ଅର୍ଥର ଲାଭାଂଶକୁ ଆବଶ୍ୟକ ଅନୁଯାୟୀ ସଭ୍ୟଙ୍କୁ ଫେରସ୍ତ କରାଯାଏ ।

## ନୀତି-୫ ସଦସ୍ୟଙ୍କ ଅର୍ଥନୈତିକ ଭାଗିଦାରୀ

ଉତ୍ପାଦକ କମ୍ପାନୀମାନଙ୍କର ବଳକା ଅର୍ଥର ସମାନ ବଣ୍ଟନ ନିମ୍ନମତେ କରାଯାଏ । ଉତ୍ପାଦକଙ୍କ ବ୍ୟବସାୟର ଉନ୍ନତି ନିମନ୍ତେ ଅଭିପ୍ରେତ ହୋଇଥାଏ ।

**କମ୍ପାନୀ**

- ସାଧାରଣ ସୁବିଧାସୁଯୋଗ ଯୋଗାଇଦେବା ଓ
- ବ୍ୟବସାୟରେ ଅଂଶଗ୍ରହଣ ଅନୁପାତରେ ସଦସ୍ୟଙ୍କ ମଧ୍ୟରେ ବାଣ୍ଟନ କରାଯିବ।

## ନୀତି-୬ ଶିକ୍ଷା, ପ୍ରଶିକ୍ଷଣ ଓ ସୂଚନା

ଉତ୍ପାଦକ କମ୍ପାନୀରେ ସଭ୍ୟମାନଙ୍କୁ ଅନ୍ୟାନ୍ୟ କର୍ମଚାରୀଙ୍କୁ ପାରସ୍ପରିକ ନୀତି ଓ ସହାୟତା କୌଶଳ ବିଷୟରେ ଶିକ୍ଷା, ତାଲିମ୍ ଓ ସୂଚନାପ୍ରଦାନ କରାଯାଇଥାଏ।

## ନୀତି-୭ ଉତ୍ପାଦକ କମ୍ପାନୀମାନଙ୍କ ମଧ୍ୟରେ ସହଯୋଗ

ଉତ୍ପାଦକ କମ୍ପାନୀ, ନିଜର ସଦସ୍ୟ ଓ ତାଙ୍କ ଗୋଷ୍ଠିକୁ ଉତ୍ତମ ସେବା ଯୋଗାଇଦେବା ନିମନ୍ତେ ସ୍ଥାନୀୟ, ଜାତୀୟ ଅଥବା ଆନ୍ତର୍ଜାତିକ ସ୍ତରରେ ଅନ୍ୟ ଉତ୍ପାଦକ କମ୍ପାନୀମାନଙ୍କ ସହ ସହଯୋଗ କରିଥାଏ।

# ଅଭ୍ୟାସ

ନିମ୍ନପ୍ରଦତ୍ତ ସାରଣୀରେ କୃଷକ ଉତ୍ପାଦକ ସଙ୍ଗଠନର ନୀତିସମୂହକୁ ନେଇ କେତେକ ତଥ୍ୟଭିତ୍ତିକ ପ୍ରଶ୍ନ ରଖାଯାଇଛି । ଏହି ପ୍ରଶ୍ନଗୁଡିକ କୃଷକ ଉତ୍ପାଦକ ସଙ୍ଗଠନ ସହିତ ଜଡିତ ଏବଂ ପ୍ରଶ୍ନଗୁଡିକ ଅନୁସରଣୀୟ ଓ ଅନୁସରଣୀୟ ନୁହେଁ ମଧ୍ୟରେ ଗ୍ରହଣୀୟ । ତୁମର ଉତ୍ତର ପାଇଁ ନିମ୍ନରେ ବ୍ୟାଖ୍ୟା ଦିଅନ୍ତୁ ।

## ନୀତି-୧ ସ୍ୱେଚ୍ଛାକୃତ ଭାବେ ସଦସ୍ୟତା ଗ୍ରହଣ

ଗୋଟିଏ ଦୁଗ୍ଧ ସମବାୟରେ ସମସ୍ତ ସଭ୍ୟ ମହିଳା ରହିବେ ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ- --------------------------------------------------------------------------------

-----------------------------------------------------------------------------------------------

-----------------------------------------------------------------------------------------------

କୃଷକ ଉତ୍ପାଦକ ସଙ୍ଗଠନ ପରିଷଦ ବିଭିନ୍ନ ପ୍ରକାର ଯୋଗାଯୋଗ ଉପକରଣ ବ୍ୟବହାର କରି 'ସଦସ୍ୟ ଗ୍ରହଣ ଅଭିଯାନ' ଚଳାଇଥାନ୍ତି ଓ ସ୍ଥାନୀୟ ଅଞ୍ଚଳର ଯୋଗ୍ୟ ଓ ପ୍ରତିଭାସମ୍ପନ୍ନ କୃଷକମାନଙ୍କୁ କୃଷକ ଉତ୍ପାଦକ ସଙ୍ଗଠନର ସଭ୍ୟଭାବେ ଗ୍ରହଣ କରିଥାନ୍ତି ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ - ------------------------------------------------------------------------------

-----------------------------------------------------------------------------------------------

-----------------------------------------------------------------------------------------------

ଅନ୍ୟ ଏକ କୃଷକ ଉତ୍ପାଦକ ସଙ୍ଗଠନରେ କୃଷକମାନଙ୍କୁ ସଭ୍ୟଭାବେ ଗ୍ରହଣ କରିବା ପୂର୍ବରୁ ଉପଯୁକ୍ତ ତାଲିମ୍, କର୍ତ୍ତବ୍ୟବୋଧ ବିଷୟରେ ବୁଝାଇ ନ ଥିଲେ । ଏଥିଯୋଗୁଁ କୃଷକ ଉତ୍ପାଦକ ସଙ୍ଗଠନରେ ଅନେକ ସଦସ୍ୟ ନିଷ୍କ୍ରିୟ ହୋଇଗଲେ ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ --------------------------------------------------------------------------------

-----------------------------------------------------------------------------------------------

-----------------------------------------------------------------------------------------------

## ନୀତି-୨ ଗଣତାନ୍ତ୍ରିକ ପଦ୍ଧତିରେ ସଭ୍ୟ ନିୟନ୍ତ୍ରିତ

ଏକ ସମବାୟରେ ଅର୍ଦ୍ଧାଧିକ ସଭ୍ୟ ଅନ୍ୟ ସଭ୍ୟମାନଙ୍କ ତୁଳନାରେ ଦୁଇଗୁଣ ପୁଞ୍ଜି ଦେଇଥିଲେ । ତେଣୁ ଏହି ସଭ୍ୟମାନେ ଅନ୍ୟ ସଭ୍ୟଙ୍କ ତୁଳନାରେ ୨ ଗୁଣ ଭୋଟ୍ ଦେବାର ଅଧିକାର ପାଇଁ ଦାବୀ କଲେ ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ-----------------------------------------------------------------------

---------------------------------------------------------------------------------------

---------------------------------------------------------------------------------------

ଉପରୋକ୍ତ ସମବାୟରେ ପ୍ରଥମ ଅର୍ଦ୍ଧେକ ସଭ୍ୟ ଅନ୍ୟ ଅର୍ଦ୍ଧେକଙ୍କ ତୁଳନାରେ ସମବାୟଠାରୁ ଦୁଇଗୁଣ ସେବା ବ୍ୟବହାର କଲେ । ଯାହା ଫଳରେ, ଏ କ୍ଷେତ୍ରରେ ମଧ୍ୟ ସେମାନେ ୨ ଗୁଣ ଭୋଟ୍ ଦେବା ପାଇଁ ଦାବୀ କଲେ ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ-----------------------------------------------------------------------

---------------------------------------------------------------------------------------

---------------------------------------------------------------------------------------

## ନୀତି-୩ ନିର୍ବାଚିତ ପରିଷଦ ଦ୍ୱାରା ଶାସନ

କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ପରିଷଦ ପରିଚାଳନା ବୈଠକରେ କୋରମ୍ ଠାରୁ ଅଧିକ ସଭ୍ୟ ଉପସ୍ଥିତ ଥାଆନ୍ତି, ସମସ୍ତ ସଭ୍ୟ ସକ୍ରିୟଭାବେ ବୈଠକରେ ଭାଗନେଇ ମତ ଦିଅନ୍ତି ଏବଂ ବୋର୍ଡର ସଦସ୍ୟମାନଙ୍କୁ ନିର୍ବାଚିତ କରିଥାନ୍ତି ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ-----------------------------------------------------------------------

---------------------------------------------------------------------------------------

---------------------------------------------------------------------------------------

---------------------------------------------------------------------------------------

ଉପରୋକ୍ତ କୃଷକ ଉତ୍ପାଦକ ସଂଗଠନରେ ସାଧାରଣ ପରିଷଦର ବୈଠକର ନିଷ୍ପତ୍ତି ଅନୁସାରେ ବୋର୍ଡ କାମ କରିଥାନ୍ତି ଏବଂ ନିୟମିତ ଭାବେ ଆବଶ୍ୟକ ସୂଚନା ସହ ବାର୍ଷିକ ବିବରଣୀ ସଭ୍ୟମାନଙ୍କୁ ଦେଇଥାନ୍ତି ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ-----------------------------------------------------------------------

---------------------------------------------------------------------------------------

---------------------------------------------------------------------------------------

ଅନ୍ୟ ଏକ କୃଷକ ଉତ୍ପାଦକ ସଙ୍ଗଠନରେ ପ୍ରାୟତଃ ପ୍ରୋତ୍ସାହକ ସଂସ୍ଥା ବୋର୍ଡକୁ ସଭ୍ୟ ମନୋନୀତ କରିଥାନ୍ତି ଓ କ୍ଷମତାଶାଳୀ ବ୍ୟକ୍ତିଙ୍କୁ ବାଛି ପରିଷଦର ସଭ୍ୟ କରାଇବା ପାଇଁ ପ୍ରଭାବିତ କରିଥାନ୍ତି ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣଦର୍ଶାଅ-----------------------------------------------------------------------
-----------------------------------------------------------------------------------
-----------------------------------------------------------------------------------

## ନୀତି -୪ ସୀମିତ ଫେରସ୍ତ

ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନ ବୋର୍ଡର ମୋଟ ଲାଭକୁ ସମସ୍ତ ସଭ୍ୟମାନଙ୍କ ମଧ୍ୟରେ ଲାଭାଂଶଭାବେ ବାଣ୍ଟି ଦେବାକୁ ଦିଏ (ଲିପିବଦ୍ଧ ନିୟମ ଅନୁସାରେ) । ଏପରିକି କୃଷକ ଉତ୍ପାଦକ ସଙ୍ଗଠନର ସଂରକ୍ଷିତ ପାଣ୍ଠି ପାଇଁ ବ୍ୟବସ୍ଥା ନକରି ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ----------------------------------------------------------------------
-----------------------------------------------------------------------------------
-----------------------------------------------------------------------------------

## ନୀତି - ୫ ସଦସ୍ୟଙ୍କ ଆର୍ଥିକ ଅଂଶଗ୍ରହଣ

ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନରେ, ବୋର୍ଡ ସବୁ କାର୍ଯ୍ୟକ୍ରମ ପାଇଁ ଯଥା; କୃଷକ ଉତ୍ପାଦକ ସଙ୍ଗଠନର ବିକାଶ, ସଂରକ୍ଷିତ ପାଣ୍ଠି ଇତ୍ୟାଦି ପାଇଁ ପାଣ୍ଠି ବ୍ୟବସ୍ଥା କରିସାରିବାପରେ ବଣ୍ଟନ ପାଇଁ ଯଥେଷ୍ଟ ବଳକା ନିଶ୍ଚିତ କରିଥାନ୍ତି ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ ---------------------------------------------------------------------
-----------------------------------------------------------------------------------
-----------------------------------------------------------------------------------

ଗୋଟିଏ ସମବାୟ ସମିତିରେ, ସଭ୍ୟମାନେ ସେବା ଗ୍ରହଣ କରିବାରେ ତଫାତ୍ ଥିଲେ ମଧ୍ୟ, ସମସ୍ତ ସଭ୍ୟମାନଙ୍କ ମଧ୍ୟରେ ବଳକା ପାଣ୍ଠିକୁ ସମାନ ପରିମାଣରେ ବାଣ୍ଟି ଦେବା ପାଇଁ ବୋର୍ଡ ନିଷ୍ପତ୍ତି କରିଥାଏ ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ ---------------------------------------------------------------------
-----------------------------------------------------------------------------------
-----------------------------------------------------------------------------------

ଆଉ ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନରେ, ସଦସ୍ୟମାନେ କୃଷକ ଉତ୍ପାଦକ ସଙ୍ଗଠନ ସହିତ କରିଥିବା ବ୍ୟବସାୟ/ଦେଣନେଣ ତୁଳନାରେ, ଲାଭର କିଛି ଅଂଶ ସଦସ୍ୟଙ୍କ ମଧ୍ୟରେ ବାଣ୍ଟି ଦେଲେ ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ ------------------------------------------------------------------------

----------------------------------------------------------------------------------------

----------------------------------------------------------------------------------------

----------------------------------------------------------------------------------------

## ନୀତି-୬ ଶିକ୍ଷା, ପ୍ରଶିକ୍ଷଣ ଓ ସୂଚନା

ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନରେ, ବୋର୍ଡର ନିର୍ଦ୍ଦେଶକ ସଦସ୍ୟ ଓ କର୍ମଚାରୀମାନଙ୍କୁ ଆପୋଷ ସହାୟତା ନୀତିସମୂହ ଓ ପାରସ୍ପରିକତା ଉପରେ ଆବଶ୍ୟକୀୟ ତାଲିମ୍ ଦିଆଯାଇନଥିଲା । ଏହା ଦ୍ୱାରା ଅନେକ ସମସ୍ୟା ଉପୁଜିଲା ଯଥା; ବୋର୍ଡ ଉତ୍ତରଦାୟୀ ରହିଲା ନାହିଁ ଓ ସଭ୍ୟଙ୍କୁ ସହାୟତା ମିଳିଲାନାହିଁ ଇତ୍ୟାଦି ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ ------------------------------------------------------------------------

----------------------------------------------------------------------------------------

----------------------------------------------------------------------------------------

## ନୀତି -୭ ଉତ୍ପାଦକ ସଙ୍ଗଠନମାନଙ୍କ ମଧ୍ୟରେ ସହଯୋଗ

ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନ ତା'ର ସଭ୍ୟମାନଙ୍କ ନିକଟରୁ ଉତ୍ପାଦିତ ଦ୍ରବ୍ୟ କିଣିବା ପାଇଁ ସୁଯୋଗ ପ୍ରଦାନ କରିଥାଏ । ନିକଟସ୍ଥ ଆଉ ଏକ କୃଷକ ଉତ୍ପାଦକ ସଙ୍ଗଠନର ଭିତ୍ତିଭୂମି ଏବଂ ଅର୍ଥର ଅଭାବ ଯୋଗୁଁ ସେ ଦ୍ରବ୍ୟ କିଣିବାରେ ଅକ୍ଷମ ହୋଇଥାଏ । ସେମାନେ ପ୍ରଥମେ ନିଜର ସଭ୍ୟମାନଙ୍କଠୁ କିଣିବା ପରେ ଦ୍ୱିତୀୟ କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟଙ୍କ ଉତ୍ପାଦିତ ସାମଗ୍ରୀକୁ କିଣିବା ପାଇଁ ଆଗଭର ହେଲେ ଏବଂ ଦ୍ୱିତୀୟ କୃଷକ ଉତ୍ପାଦକ ସଙ୍ଗଠନର ସଦସ୍ୟମାନେ ମଧ୍ୟ ଉପକୃତ ହେଲେ ।

**ଉତ୍ତର-** ଅନୁସରଣୀୟ ଅନୁସରଣୀୟ ନୁହେଁ

କାରଣ ଦର୍ଶାଅ ------------------------------------------------------------------------

----------------------------------------------------------------------------------------

----------------------------------------------------------------------------------------

# ୩

# କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ ବୈଶିଷ୍ଟ୍ୟସମୂହ

## ଅଧିବେଶନ ଉଦ୍ଦେଶ୍ୟ




କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ ବୈଶିଷ୍ଟ୍ୟସମୂହ ବିଷୟରେ ଅବଗତ ହେବେ ।


**ବିଷୟବସ୍ତୁ**


**୧. କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ ବୈଶିଷ୍ଟ୍ୟସମୂହ**

ଆମେ ଯେତେବେଳେ କିଛି କଥାକୁ ସ୍ୱିକୃତୀ ଦେଉ, ଆମେ କେତେକ ସର୍ତ୍ତାବଳୀକୁ ବ୍ୟବହାର କରିଥାଉ । ଉଦାହରଣ ସ୍ୱରୂପ- ଆମେ ଏହି ଗୋଲ ଶସ୍ୟ ମଞ୍ଜି, ସୋୟାବିନକୁ ଦେଖିଥାଉ, ଏହାର ବିଶେଷତ୍ୱ କିମ୍ବା ଗୁଣବତ୍ତା ଦେଇଥାଉ । ଯଦି ଲମ୍ବା ମଞ୍ଜି ହୋଇଥାଏ ତେବେ ଆମେ ଏହାକୁ ସୋୟାବିନ୍ କହି ନଥାଉ, କାରଣ ଆମେ ଜାଣିଛୁ ଏହା ଧାନ ଅଟେ । ତେଣୁ କିଛି ଶସ୍ୟ ଯଥା; ଧାନକୁ ଚିହ୍ନିବା ପାଇଁ ଏହାର କିଛି ବୈଶିଷ୍ଟ ନିଶ୍ଚୟ ଅଛି ଯଥା;ଏହା ଲମ୍ବା ମଞ୍ଜି । ଏକାପରି, ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନକୁ ଚିହ୍ନିବା ପାଇଁ କିଛି ନିଶ୍ଚିତ ବୈଶିଷ୍ଟତା ରହିଅଛି ।

ଧାନ ଶସ୍ୟର ଚିତ୍ର










ଉଦାହରଣ- କୃଷକ ଉତ୍ପାଦକ ସଙ୍ଗଠନ ସେବା ମାଧ୍ୟମରେ ଚାଷ ପାଇଁ ଆବଶ୍ୟକ ବିହନ, ସାର ଇତ୍ୟାଦି ସଭ୍ୟମାନଙ୍କୁ ଦେଇଥାଏ, ଏହା କିପରି ଅନ୍ୟ ଘରୋଇ ଦୋକାନୀ/ବ୍ୟବସାୟୀଙ୍କଠାରୁ ଅଲଗା ? ଆପଣ କଣ ଭାବୁଛନ୍ତି ଯେ, ଗୋଟିଏ କୃଷକ ଉତ୍ପାଦକ ସଙ୍ଗଠନର କେଉଁସବୁ ବିଶେଷତ୍ୱ ରହିବା ନିହାତି ଦରକାର ।

| କୃଷକ ଉତ୍ପାଦକ ସଙ୍ଗଠନ | ବିହନ ଓ ସାର ଇତ୍ୟାଦିର ବ୍ୟବସାୟୀ |
| --- | --- |
| | |

ଉପରୋକ୍ତ ଆଲୋଚନା ଆମକୁ ନିମ୍ନରେ ଦିଆଯାଇଥିବା "କୃଷକ ଉତ୍ପାଦକ ସଙ୍ଗଠନର ବୈଶିଷ୍ଟ୍ୟସମୂହ" ଆଡକୁ ନେଇଯିବ।

## ବ୍ୟବସାୟିକ ଉଦ୍ୟୋଗ ସଂପର୍କୀୟ



ଉତ୍ପାଦନ ପୂର୍ବ, ଉତ୍ପାଦନ ସମୟରେ ଓ ଉତ୍ପାଦନ ପରେ ସହାୟତା ପ୍ରଦାନ

## ସ୍ୱୟଂଶାସିତ ଏବଂ ଆତ୍ମନିର୍ଭରଶୀଳ




କୃଷକମାନଙ୍କର ନିଜସ୍ୱ ଘରୋଇ ଉଦ୍ୟୋଗ

## ଆନୁଷ୍ଠାନିକ ସଂଗଠନ




ପଞ୍ଜିକୃତ, ଆଇନ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ, କର୍ମଚାରୀ ଏବଂ ବ୍ୟବସ୍ଥା

## ସଭ୍ୟମାନଙ୍କଦ୍ୱାରା ଗ୍ରହଣ



ସଦସ୍ୟ ବ୍ୟବହୃତ, ନିୟନ୍ତ୍ରିତ ଓ ମାଲିକାନା

ସଦସ୍ୟମାନଙ୍କୁ ଆବଶ୍ୟକୀୟ ସେବା ଯୋଗାଇଦେବା

## ସଦସ୍ୟମାନଙ୍କ ଦ୍ୱାରା ସମାନ ଅର୍ଥପ୍ରଦାନ




ସଦସ୍ୟମାନେ ଅର୍ଥ ପ୍ରଦାନ କରିବା

## ସ୍ୱ-ଶାସନ ବ୍ୟବସ୍ଥା



ସଦସ୍ୟମାନଙ୍କର ଦ୍ୱାରା ନିର୍ବାଚିତ ହୋଇଥିବା
ବୋର୍ଡର ନିର୍ଦ୍ଦେଶକମାନଙ୍କ ଦ୍ୱାରା ଶାସନ କରିବା

## ଗଣତାନ୍ତ୍ରିକ ପଦ୍ଧତିରେ ନିୟନ୍ତ୍ରଣ



ଗୋଟିଏ ସଦସ୍ୟ, ଗୋଟିଏ ଭୋଟ୍

ଉପରେ ସୂଚୀତ ଅନୁଯାୟୀ କୃଷକ ଉତ୍ପାଦକ ସଙ୍ଗଠନ ଏକ ପଞ୍ଜିକୃତ ଓ ଆନୁଷ୍ଠାନିକ ସଂସ୍ଥା । ଏହାର ପରିଚାଳନା ପରିଷଦ, ପରିଚାଳନା ପାଇଁ କର୍ମଚାରୀ ଓ ବ୍ୟବସାୟ ବା ଦୈନନ୍ଦିନ କାର୍ଯ୍ୟ ପାଇଁ ବ୍ୟବସ୍ଥା  ରହିଅଛି । ଏହା ଏକ ଆଇନଗତ ସଂସ୍ଥା ଯାହା ଦେଶର ଆଇନ୍ ଅନୁଯାୟୀ ସବୁ କାର୍ଯ୍ୟ କରେ । ଏହା କୃଷକମାନଙ୍କ ମାଲିକାନାସତ୍ତ୍ୱ ଥିବା ଏକ ଘରୋଇ ବ୍ୟବସାୟିକ ଉଦ୍ୟୋଗ ଅଟେ । ସେମାନେ ବିଭିନ୍ନ କାର୍ଯ୍ୟକଳାପ କରିଥାନ୍ତି ଯଥା; ଚାଷ ପାଇଁ ସାର, ବିହନ ଓ ଉପକରଣ ଯୋଗାଣ, ବିହନ ଉତ୍ପାଦନ, ସଦସ୍ୟଙ୍କୁ ଆର୍ଥିକ ସେବା, ଉତ୍ପାଦନ କ୍ଷମତା ବୃଦ୍ଧି ସେବା, କୃଷିଜାତ ସାମଗ୍ରୀ କିଣିବା, ପ୍ରକ୍ରିୟାକରଣ ଓ ମୂଲ୍ୟଯୁକ୍ତ କରିବା ଓ ବିକ୍ରିବଟାରେ ସହାୟତା ଇତ୍ୟାଦି ।

# ୪

# କୃଷକ ଉତ୍ପାଦକ ସଙ୍ଗଠନର ପଞ୍ଜିକରଣର ଆବଶ୍ୟକତା ଏବଂ ଗୁରୁତ୍ୱ

## ଅଧିବେଶନ ଉଦ୍ଦେଶ୍ୟ



**କୃଷକ ଉତ୍ପାଦକ ସଙ୍ଗଠନର ପଞ୍ଜିକରଣର ଆବଶ୍ୟକତା ଏବଂ ଗୁରୁତ୍ୱ ସଂପର୍କରେ ଅବଗତ ହେବା ସହ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ବିଭିନ୍ନ ପ୍ରକାରର ଆଇନଗତ ଦିଗ ସମ୍ବନ୍ଧରେ ଜାଣିବା**

**ବିଷୟବସ୍ତୁ**

**୧. ପଞ୍ଜିକରଣର ଆବଶ୍ୟକତା ଏବଂ ଗୁରୁତ୍ୱ**

**୨. ବିଭିନ୍ନ ପ୍ରକାରର ଆଇନଗତ ନିୟମକାନୁନ୍**

ବିକାଶ ସଂସ୍ଥାର ପ୍ରତିନିଧି ପୂର୍ବ ଅଧିବେଶନ ଠାରୁ ଆରମ୍ଭ କରି ନିମ୍ନମତେ ଆଲୋଚନା କଲେ । କୃଷକ ଉତ୍ପାଦକ ସଙ୍ଗଠନମାନେ ତାଙ୍କର ବ୍ୟବସାୟିକ କାର୍ଯ୍ୟକଳାପ ମାଧ୍ୟମରେ ସଭ୍ୟମାନଙ୍କୁ ସେବା ଯୋଗାଇଦେଇଥାନ୍ତି । ସେଥିପାଇଁ ସେମାନେ ବିଭିନ୍ନ ଅନୁଷ୍ଠାନ ସହିତ ଚୁକ୍ତି କରିଥାନ୍ତି, ଋଣ ଆଣିଥାନ୍ତି ଓ ଆବଶ୍ୟକୀୟ ସମ୍ବଳ ଯୋଗାଡ କରିଥାନ୍ତି । ଏସବୁ କରିବା ଲାଗି କୃଷକ ଉତ୍ପାଦକ ସଙ୍ଗଠନ ଆଇନ୍ ଦୃଷ୍ଟିରୁ ସ୍ୱୀକୃତିର ଆବଶ୍ୟକତା ଅଛି, ତେଣୁ ପଞ୍ଜିକରଣ କରିବା ଦରକାର ।

ତାପରେ ସେ ଅଂଶଗ୍ରହଣକାରୀଙ୍କୁ ପଚାରିଲେ, ପଞ୍ଜିକରଣର ଅର୍ଥ ଆମେ କଣ ବୁଝୁ ? ଯଦି ଆମ କୃଷକ ଉତ୍ପାଦକ ସଙ୍ଗଠନ ଜଙ୍ଗଲଜାତ ଦ୍ରବ୍ୟ ସମ୍ବନ୍ଧୀୟ କାର୍ଯ୍ୟ କରିବାପାଇଁ ଚାହେଁ, ଆମେ ତାକୁ ବନ୍ୟ ବିଭାଗରେ ପଞ୍ଜିକରଣ କରିଥାଉ । ଏତଦ୍ ବ୍ୟତୀତ କୃଷକ ଉତ୍ପାଦକ ସଙ୍ଗଠନକୁ ସମବାୟ ସମିତିରେ ମଧ୍ୟ ପଞ୍ଜିକରଣ କରାଯାଏ । ଏହି ଦୁଇଟି ମଧ୍ୟରେ ତଫାତ୍ କଣ ଅଛି ?

ଅଂଶଗ୍ରହଣକାରୀମାନଙ୍କ ଉତ୍ତର ପାଇସାରିବାପରେ ଅନୁଷ୍ଠାନର ପ୍ରତିନିଧି ନିମ୍ନମତେ ପ୍ରକାଶ କରିଥିଲେ ।

ବନ୍ୟ ବିଭାଗ ସହିତ ପଞ୍ଜିକରଣ କରିବାର ଅର୍ଥ ଯେ କୃଷକ ଉତ୍ପାଦକ ସଙ୍ଗଠନ ଏହି ବିଭାଗକୁ ସୂଚନା ଦେଲା ଯେ, ସେମାନେ ବନ୍ୟ ବିଭାଗର ଅଞ୍ଚଳରେ ରହି କାର୍ଯ୍ୟକରିବେ, ସମବାୟରେ ପଞ୍ଜିକରଣ କରିବା ଅର୍ଥ କୃଷକ ଉତ୍ପାଦକ ସଙ୍ଗଠନ ଏହି ବିଭାଗର ଏକ ଅଂଶରୂପେ କାମ କରିବେ । ଏହାର ଅର୍ଥ, ଯଦି ଗୋଟିଏ ଅନୁଷ୍ଠାନ ପଞ୍ଜିକୃତ ହୋଇଅଛି ତାହେଲେ ବ୍ୟକ୍ତିମାନଙ୍କ ପାଇଁ ପ୍ରଯୁଜ୍ୟ

ଅଧିକାରସବୁ ଏହାର ରହିବ। ଯଦି ଆମ ପରିବାରର ଏକ ଏକର ଜମିଥାଏ, ଆମେ କାହିଁକି ଆମ ଜମିର ପଞ୍ଜିକରଣ କରିବା ଦରକାର ? ନିମ୍ନରେ ତୁମର ପ୍ରତିକ୍ରିୟା ଲେଖ।

------------------------------------------------------------------------------------------------

------------------------------------------------------------------------------------------------

------------------------------------------------------------------------------------------------

ଉତ୍ତର ଗ୍ରହଣ କରିସାରିବା ପରେ ସେ ଏହିପରି ଭାବରେ ସାରାଂଶ କରିଥିଲେ

ଜମିକୁ ପଞ୍ଜିକରଣ କରିବା ଦ୍ୱାରା ଆମେ ଆଇନଗତଭାବେ ଅଧିକାର ପାଇପାରିବା। ଏପରିକି ଜମିକୁ ବନ୍ଧକ ଲାଗି, କ୍ରୟବିକ୍ରୟ ପାଇଁ ସୁବିଧାସୁଯୋଗ ପାଇପାରିବା। ଆମେ ମିଳିତଚାଷ, ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନରୁ ଆମ ନାମରେ ଋଣ ଆଣିପାରିବା। ଯଦି କୌଣସି ବ୍ୟକ୍ତି ଆମ ଜମିକୁ ଅଧିକାର କରେ ତେବେ ଆମେ ତା ବିରୁଦ୍ଧରେ ଅଦାଲତକୁ ଯାଇପାରିବା। ସେହିପରି ଆମେ ଯଦି ଅନ୍ୟର ଜମିକୁ ଅଧିକାର କରୁ ସେ ମଧ୍ୟ ଆମ ନାମରେ ଅଦାଲତକୁ ଯାଇପାରିବ। ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଛି, ଆମ ଜମିକୁ ଆମ ଉତ୍ତରାଧିକାରୀଙ୍କ ନାମରେ ପରିବର୍ତ୍ତନ କରିପାରିବା (ଆମ ପୁଅ/ଝିଅ,ନାତି/ନାତୁଣୀ) ଇତ୍ୟାଦି।

ସେହିପରି ଯଦି ଆମେ କୃଷକ ଉତ୍ପାଦକ ସଙ୍ଗଠନକୁ ପଞ୍ଜିକରଣ କରୁ ଆମ କୃଷକ ଉତ୍ପାଦକ ସଙ୍ଗଠନ ଆଇନଗତ ଅଧିକାର ପାଇବ। ଏହାର ଅର୍ଥ ଜଣେ ବ୍ୟକ୍ତିଙ୍କ ପରି କୃଷକ ଉତ୍ପାଦକ ସଙ୍ଗଠନ ତା ନାମରେ

- ବାହାର ଅନୁଷ୍ଠାନ /ପ୍ରତିଷ୍ଠାନ ସହିତ ଚୁକ୍ତିନାମା କରିପାରିବେ,
- ଆମେ ସମ୍ପତ୍ତି  ଅଧିକାର କରିପାରିବା ଓ ଅନୁଷ୍ଠାନ ନାମରେ କିଣାବିକା ଓ ସମ୍ପତ୍ତି ବନ୍ଧକ ରଖିପାରିବା
- ଏହା କୌଣସି ଅନୁଷ୍ଠାନ କିମ୍ବା ବ୍ୟକ୍ତିଙ୍କ ନାମରେ ଆଇନତଃ କାର୍ଯ୍ୟାନୁଷ୍ଠାନ କରିପାରିବ ଓ କିଏ ମଧ୍ୟ ଆମ ନାମରେ ମକଦ୍ଦମା ଦେଇପାରିବ
- ସଭ୍ୟମାନେ ଯୋଗଦାନ  କିମ୍ବା ଓହରିପାରିବେ, କୃଷକ ଉତ୍ପାଦକ ସଙ୍ଗଠନ ନିଜକୁ ପ୍ରତିଷ୍ଠିତ କରିବା ସହିତ ଭବିଷ୍ୟତ ପିଢ଼ିକୁ ସେବା ଯୋଗାଇଦେଇପାରିବ ।

## କୃଷକ ଉତ୍ପାଦକ ସଙ୍ଗଠନ ନିମନ୍ତେ ଉପଯୁକ୍ତ ଆଇନର ପ୍ରକାରଭେଦ

କୃଷକ ଉତ୍ପାଦକ ସଙ୍ଗଠନର ଆଇନଗତ ପ୍ରକାରଭେଦ ନିମ୍ନରେ ପ୍ରଦାନ କରାଗଲା।

୧. ଉତ୍ପାଦକ କମ୍ପାନୀ ଭାରତ ସରକାରଙ୍କ ମନ୍ତ୍ରାଳୟ କମ୍ପାନୀ ଧାରା ୨୦୧୩ କର୍ପୋରେଟ୍ ବ୍ୟାପାର, ଭାରତ ସରକାର

୨. ବହୁ ରାଜ୍ୟ ସମବାୟ ସମିତି ଆଇନ୍, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର ଅଧିନରେ

୩. ବିଭିନ୍ନ ରାଜ୍ୟର ବିଭିନ୍ନ ସମବାୟ ଆଇନ୍ ଅନ୍ତର୍ଗତ ସମବାୟ- ଉଦାହରଣସ୍ୱରୂପ, ଓଡ଼ିଶାରେ ଥିବା କୋଅପରେଟିଭ ସୋସାଇଟି ଆକ୍ଟ, ୧୯୬୨) ଓ ମ୍ୟୁଚ୍ୟାଲ୍ ଏଇଡେଡ୍ ସମବାୟ ସମିତି (MACS) ଆଇନ୍-୧୯୯୫, ଆନ୍ଧ୍ରପ୍ରଦେଶ।

ଉତ୍ପାଦକ କମ୍ପାନୀମାନେ ତାଙ୍କ ଦ୍ୱାରା ପ୍ରସ୍ତୁତ ଓ କମ୍ପାନୀ ନିବନ୍ଧକଙ୍କ ଦ୍ୱାରା ଅନୁମୋଦିତ ବାଇଲ ଦ୍ୱାରା ପରିଚାଳିତ ହୋଇଥାନ୍ତି ।

ସମବାୟ ସମିତିମାନେ ସମବାୟ ଦ୍ୱାରା ପ୍ରସ୍ତୁତ ଓ ସମବାୟ ନିବନ୍ଧକଙ୍କଦ୍ୱାରା ଅନୁମୋଦିତ ବାଇ-ଲ ଦ୍ୱାରା ପରିଚାଳିତ ହୋଇଥାନ୍ତି।

କୃଷକ ଉତ୍ପାଦକ ସଙ୍ଗଠନ କାର୍ଯ୍ୟ କରିବା ପାଇଁ ନୀତିନିୟମ ଓ ବାଇଲରେ କୃଷକ ଉତ୍ପାଦକ ସଙ୍ଗଠନର ଉଦ୍ଦେଶ୍ୟସମୂହ, ସେମାନଙ୍କ କାର୍ଯ୍ୟକଳାପର ବିଭିନ୍ନ ଦିଗସବୁ ଟିକିନିଖି ଲେଖାଯାଇଛି ଓ ଏହା ନିର୍ଦ୍ଦେଶନାମା ଭାବେ କାମ କରିଥାଏ।

ଏହା ସହ ବିକାଶ ସଂସ୍ଥା ଏହି ଆଲୋଚାକୁ ଶେଷ କରିବାକୁ ଯାଇ କହିଲେ ଯେ, ଆମେ ଆସନ୍ତା କାର୍ଯ୍ୟକ୍ରମରେ ସମବାୟ ନୀତିସମୂହ/ ଆପୋଷ ସହାୟତା ନୀତିସମୂହ ସମ୍ବନ୍ଧରେ ଆଲୋଚନା କରିବା। ଏଥିସହିତ କୃଷକ ଉତ୍ପାଦକ ସଙ୍ଗଠନର ପ୍ରଶିକ୍ଷଣ ଶେଷ ହେଲା।

ଏଥିସହିତ କୃଷକ ଉତ୍ପାଦକ ସଙ୍ଗଠନ ପ୍ରୋତ୍ସାହନକାରୀମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହେଲା। ଏହି ପେଟିକାରେ ବିଭିନ୍ନ ବିଷୟ ଆଲୋଚନା କରଗଲା ଯଥା- ଚାଷବାସରେ ଥିବା ସମସ୍ୟା ଦୂର କରିବା ପାଇଁ ସାମୂହିକ କାର୍ଯ୍ୟ ପନ୍ଥାର ମୌଳିକ ଆବଶ୍ୟକତା, ସାମୂହିକ କାର୍ଯ୍ୟପନ୍ଥା ପାଇଁ ଆନୁଷ୍ଠାନିକ ସଂସ୍ଥା, କୃଷକ ଉତ୍ପାଦକ ସଙ୍ଗଠନର ଅର୍ଥ, ମୁଖ୍ୟ ବୈଶିଷ୍ଟ୍ୟସମୂହ, ମୂଲ୍ୟବୋଧ ଓ ନୀତିସମୂହ ଦର୍ଶାଯାଇଛି ।

ଯଦିଓ ରାମାୟା ଏବଂ ସୁଦର୍ଶନ ପୂର୍ବରୁ କୃଷକ ଦଳକୁ ଜାଣିଥିଲେ ଓ ଦେଖିଥିଲେ, ଏ ପ୍ରକାର କାର୍ଯ୍ୟପନ୍ଥା ସେମାନଙ୍କୁ ଅଲଗା ଲାଗିଲା। ସେମାନେ ବର୍ତ୍ତମାନ ଅଧିକ ଉତ୍ସାହିତ, ଯେତେ ଜଲଦି ସମ୍ଭବ ସେମାନଙ୍କର କୃଷକ ଉତ୍ପାଦକ ସଙ୍ଗଠନ ପଞ୍ଜିକରଣ କରିବାକୁ ଚାହୁଁଛନ୍ତି ଓ ତାଙ୍କର କୃଷକ ଉତ୍ପାଦକ ସଙ୍ଗଠନରେ ସାଥି କୃଷକମାନଙ୍କ ସଦସ୍ୟଭାବେ ଯୋଗ ଦେବା ପାଇଁ ଯୋଗାଡ କରିବାକୁ ଏକ ନିଶ୍ଚିତ ଯୋଜନା କରିଛନ୍ତି। ଯଦିଓ ସମ୍ପୂର୍ଣ୍ଣ ଯୋଜନା ବିଷୟରେ ସେମାନଙ୍କର ସ୍ପଷ୍ଟ ଧାରଣା ନାହିଁ, ରାମାୟା ଏବଂ ସୁଦର୍ଶନ ତାଙ୍କର କୃଷକ ଉତ୍ପାଦକ ସଙ୍ଗଠନ ମଧ୍ୟରେ ଆଶାର କିରଣ ଦେଖି ପାରୁଛନ୍ତି ଓ ତାଙ୍କ ନିଜ ଗାଁକୁ ଫେରିଗଲେ।

# Sample Registration Certificate

**GOVERNMENT OF INDIA**
**MINISTRY OF CORPORATE AFFAIRS**

Central Registration Centre

## Certificate of Incorporation

[Pursuant to sub-section (2) of section 7 of the Companies Act, 2013 (18 of 2013) and rule 18 of the Companies (Incorporation) Rules, 2014]

I hereby certify that SRI NALLAREDDY SWAMY FARMERS PRODUCER COMPANY LIMITED is incorporated on this Twenty fourth day of May Two thousand nineteen under the Companies Act, 2013 (18 of 2013) and that the company is limited by shares.

The Corporate Identity Number of the company is U01100AP2019PTC111980.

The Permanent Account Number (PAN) of the company is **ABCCS1151N** *\@

The Tax Deduction and Collection Account Number (TAN) of the company is **VPNS16430B** *\@

Given under my hand at Manesar this Twenty fourth day of May Two thousand nineteen .

Digital Signature Certificate
ALOK TANDON
Deputy Registrar Of Companies
For and on behalf of the Jurisdictional Registrar of Companies
Registrar of Companies
Central Registration Centre

Disclaimer: This certificate only evidences incorporation of the company on the basis of documents and declarations of the applicant(s). This certificate is neither a license nor permission to conduct business or solicit deposits or funds from public. Permission of sector regulator is necessary wherever required. Registration status and other details of the company can be verified on www.mca.gov.in

---

Mailing Address as per record available in Registrar of Companies office:

SRI NALLAREDDY SWAMY FARMERS PRODUCER COMPANY LIMITED
3-105, Handri Khairawadi, Gonegandla, KURNOOL, Kurnool, Andhra Pradesh, India, 518463

* as issued by the Income Tax Department

File No.DCOATP-NC0MACS(REG)/24/2019-JA(2)-DCO-ATP

**GOVERNMENT OF ANDHRA PRADESH**
**DEPARTMENT OF COOPERATION**

## CERTIFICATE

***(Certificate of Registration under section 5 of the Andhra Pradesh Mutually Aided Cooperative Societies Act, 1995)***

***Under the powers vested in terms of Go.Ms.No.118 Agriculture & Cooperation (Coop.IV) Department, Dated: 02-04-1996,*** 3I the Registrar of Mutually Aided Cooperative Societies/District Cooperative Officer, Ananthapuramu do hereby register **Peddavaduguru Mahila Raithu Utpathidarula Paraspara Sahayaka Sahakara Sangham Ltd., Ravuludiki Village, Peddavaduguru Mandal, Ananthapuramu District** with Registration Number **AMC/ATP/DCO/2019/4878** together with its bye-laws.

Given under my hand and seal on this 3rd day of **May-2019.**

**P.Narayanaswamy,**
**Registrar of Mutually Aided Cooperative Societies/**
**District Cooperative Officer,**
**Ananthapuramu.**

# ସଂଲଗ୍ନ -୧ ସମବାୟ ସମିତିର ଟିକିନିଖି ନୀତିସମୂହ

## ନୀତି -୧ ସ୍ୱେଚ୍ଛାକୃତ ଓ ମୁକ୍ତ ସଦସ୍ୟତା

କୃଷକ ଉତ୍ପାଦକ ସଙ୍ଗଠନ ଯେଉଁ ଅଞ୍ଚଳରେ କାର୍ଯ୍ୟକରୁଥାଏ ଓ ସେବା ପ୍ରଦାନକରେ, ସେ ଅଞ୍ଚଳରେ ଯେ କୌଣସି ବ୍ୟକ୍ତି ସଭ୍ୟ ହେବା ପାଇଁ ଇଚ୍ଛା କରନ୍ତି ସେମାନଙ୍କୁ ସଦସ୍ୟ ହିସାବରେ ଗ୍ରହଣ କରିଥାଏ । ସେ ଯାହା ହେଉନା କାହିଁକି ଜଣେ ବ୍ୟକ୍ତି ଏହି ସେବା ପାଇବାକୁ ଯୋଗ୍ୟ ଅଟନ୍ତି । ସେହି ବ୍ୟକ୍ତି ଜଣଙ୍କ ସଭ୍ୟ ହେବାସହିତ ସମସ୍ତ ସେବା ପାଇବା ପାଇଁ ଯୋଗ୍ୟ ହୋଇପାରିବେ। ଏପରିକି ଯେ କୌଣସି ଉନ୍ନତିମୂଳକ ଅନୁଷ୍ଠାନରେ ନିଜ ଇଚ୍ଛାରେ ସଦସ୍ୟତା ଗ୍ରହଣ ବାଧ୍ୟତାମୂଳକ ହେବନାହିଁ।

## ନୀତି-୨ ଗଣତାନ୍ତ୍ରିକ ପଦ୍ଧତିରେ ସଭ୍ୟ ନିୟନ୍ତ୍ରିତ

କୃଷକ ଉତ୍ପାଦକ ସଙ୍ଗଠନରେ ସମସ୍ତ ସଭ୍ୟଙ୍କର ସମାନ ମତ ସାବ୍ୟସ୍ତ କରିବାର ଅଧିକାର ରହିଛି । ସଂଘ ସ୍ତରରେ ମଧ୍ୟ ଗଣତାନ୍ତ୍ରିକ ପଦ୍ଧତିରେ କୃଷକ ଉତ୍ପାଦକ ସଙ୍ଗଠନମାନଙ୍କୁ ସଙ୍ଗଠିତ କରାଯାଏ । ସଭ୍ୟମାନେ କୃଷକ ଉତ୍ପାଦକ ସଙ୍ଗଠନକୁ ଗଣତାନ୍ତ୍ରିକ ପଦ୍ଧତିରେ ପରିଷଦର ନିର୍ଦ୍ଦେଶକାନଙ୍କୁ ନିର୍ବାଚିତ କରନ୍ତି, ନୀତି, ନିୟମ ଓ ମାର୍ଗଦର୍ଶନ ପ୍ରସ୍ତୁତିରେ ସକ୍ରିୟଭାବରେ ଅଂଶଗ୍ରହଣ କରି ନିଷ୍ପତ୍ତି ନେଇଥାନ୍ତି। ମୁକ୍ତ ଭାବରେ ମତଦାନ, ସ୍ୱଚ୍ଛତା ଏବଂ ଉତ୍ତରଦାୟୀତ୍ୱ ହେଉଛି ଗଣତାନ୍ତ୍ରିକ ସୁଶାସନର ୩ଟି ମୁଖ୍ୟ ଦିଗ ।

## ନୀତି-୩ ସଦସ୍ୟଙ୍କ ଆର୍ଥିକ ଅଂଶଗ୍ରହଣ

ଏହି ନୀତି କହେ କି, କୃଷକ ଉତ୍ପାଦକ ସଙ୍ଗଠନ ନ୍ୟାୟସଙ୍ଗତ ଅଭ୍ୟାସ ଅନୁସରଣ କରିବା ଉଚିତ।

- କୃଷକ ଉତ୍ପାଦକ ସଙ୍ଗଠନ ଲାଭବାନ୍ ହୁଏ, ତେବେ ସମସ୍ତେ ଖୁସି ହୁଅନ୍ତି ଏବଂ ନିଜର ବୋଲି ଭାବନ୍ତି ଓ ଉପକୃତ ହୁଅନ୍ତି। ଯଦି କ୍ଷତି ହୁଏ ତେବେ କୃଷକ ଉତ୍ପାଦକ ସଙ୍ଗଠନ ସଭ୍ୟମାନଙ୍କୁ ସୁରକ୍ଷା ଦେଇ ସଭ୍ୟମାନଙ୍କ ବୋଝକୁ ହାଲୁକା କରିଦେବା ପାଇଁ ଚେଷ୍ଟା କରିଥାଏ। ତେଣୁ ଏହି ନୀତି କହେ, ଅନ୍ତତଃପକ୍ଷେ ବଳକା ଅର୍ଥକୁ କୃଷକ ଉତ୍ପାଦକ ସଙ୍ଗଠନର ସାଧାରଣ ସମ୍ପତ୍ତି ହିସାବରେ ଧରାଯାଏ ଏବଂ ବଳକା ଅର୍ଥର କିଛି ଭାଗ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟକୁ ସୁରକ୍ଷିତ ରଖିବା ପାଇଁ ସଂରକ୍ଷିତ ରଖାଯାଏ, ଯାହାର ଏକ ଅଂଶ ଅବିଭାଜ୍ୟ ରହିବ।
- ବଳକା ଅର୍ଥ ୨ ପ୍ରକାରରେ ବ୍ୟବହୃତ କରାଯାଇପାରେ।
- ୧. କୃଷକ ଉତ୍ପାଦକ ସଙ୍ଗଠନର ସେବା ସବୁ ସଭ୍ୟମାନେ ବ୍ୟବହାର କରିବା ଯୋଗୁ ଆମ କୃଷକ ଉତ୍ପାଦକ ସଙ୍ଗଠନ ଲାଭ କରିଥାଏ। ତେଣୁ, ତାଙ୍କର ଅଂଶଧନ ଓ ଜମା ଉପରେ ସୁଧ ପାଇବା ସହ, ଯେଉଁ ସଭ୍ୟମାନେ ସଦସ୍ୟତା ନିୟମକୁ ମାନି କୃଷକ ଉତ୍ପାଦକ ସଙ୍ଗଠନର ସେବାସବୁ ଅଧିକ ପ୍ରଭାବୀ ଢଙ୍ଗରେ ବ୍ୟବହାର କରନ୍ତି, କୃଷକ ଉତ୍ପାଦକ ସଙ୍ଗଠନ ସହ ତାଙ୍କର ଦେଣନେଣ ତୁଳନା ଲାଭ ପାଇପାରିବେ। ଉଦାହରଣସ୍ୱରୂପ; ଗୋଟିଏ ଦୁଗ୍ଧ କୃଷକ ଉତ୍ପାଦକ ସଙ୍ଗଠନରେ ଜଣେ ସଭ୍ୟ -

୩୦୦ ଲିଟର କ୍ଷୀର ବର୍ଷକୁ ଯୋଗାଇଥାଏ ଏବଂ ଆଗୁଆ ଏବଂ ପଛୁଆ ବୈଷୟିକ ସେବା ମଧ୍ୟ ବ୍ୟବହାର କରୁଅଛି । କିନ୍ତୁ ଅନ୍ୟ ଏକ ସଭ୍ୟ ୩୦୦ ଲିଟର କ୍ଷୀର ବର୍ଷକୁ ଯୋଗାଉଛି କିନ୍ତୁ ଅନ୍ୟ ସେବାଗୁଡ଼ିକ ବ୍ୟବହାର କରୁନାହିଁ। ସେମାନେ ଦୁହେଁ ଏକାପ୍ରକାର ସୁବିଧା ପାଇବେ କି ? ନାଁ, ଯେଉଁ ସଭ୍ୟମାନେ ଅଧିକ ସେବା ଉପଲବ୍ଧ କରନ୍ତି କୃଷକ ଉତ୍ପାଦକ ସଙ୍ଗଠନ ସେମାନଙ୍କଠାରୁ ଅଧିକ ଲାଭବାନ ହୋଇଥାଏ। ତେଣୁ ପ୍ରଥମ ସଭ୍ୟ ଦ୍ୱିତୀୟ ସଭ୍ୟ ତୁଳନାରେ ଅଧିକ ସୁବିଧା ଓ ଲାଭ ପାଇବା ଉଚିତ୍।

- ୨. ସଦସ୍ୟମାନଙ୍କ ଦ୍ୱାରା ଅନ୍ୟ କାର୍ଯ୍ୟକ୍ରମ ଗୁଡ଼ିକ ଅନୁମୋଦିତ ହୋଇଥାଏ। ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା ଇତ୍ୟାଦି ସ୍ଥାପିତ କରିବା ପାଇଁ ଅନୁଦାନ ଦିଆଯାଇପାରେ। ଯାହା ଦ୍ୱାରା ସମସ୍ତ ସଭ୍ୟାନଙ୍କର ଲାଭ ହେବା ଉଚିତ୍ କାରଣ ସେମାନେ ସମସ୍ତେ ବଳକା ପାଣ୍ଠି ସୃଷ୍ଟି ପାଇଁ ଯୋଗଦାନ କରିଛନ୍ତି ଅଥବା ସେହିପରି ଯୋଗଦାନ ଯୋଗୁ "ଜଣେ ଅନ୍ୟମାନଙ୍କ ବଦଳରେ ଲାଭ ନ ପାଇବା ଉଚିତ୍ ଅଟେ" ।

## ନୀତି-୪ ସ୍ୱୟଂଶାସନ ଏବଂ ସ୍ୱାଧିନତା

ସମବାୟର ନିଜେ ନିଜକୁ ସ୍ୱାଧିନଭାବରେ ଶାସନ ଓ ପରିଚାଳନା ଓ ନିଜକୁ ନିୟନ୍ତ୍ରିତ କରିବା କ୍ଷେତ୍ରରେ ସ୍ୱାଧିନତା ଥାଏ। ସେମାନେ ନିଜର ନୀତି ନିର୍ଦ୍ଧାରଣ ଓ ପ୍ରଣୟନ ଏବଂ ନିଜର ପ୍ରତିଦିନର କାର୍ଯ୍ୟକୁ ନିୟନ୍ତ୍ରଣ କରିଥାନ୍ତି। ସରକାର, ଆର୍ଥିକ ଅନୁଷ୍ଠାନ, ବ୍ୟବସାୟୀ, ବୈଷୟିକ ଅନୁଷ୍ଠାନ ଇତ୍ୟାଦି ସହିତ ଚୁକ୍ତିନାମା ତିଆରି କରିବା ଓ ପାଳନ କରିବା ପାଇଁ ସ୍ୱାୟତ୍ତତା ଓ ସ୍ୱାଧିନତା ଥାଏ।

## ନୀତି -୫ ଶିକ୍ଷା, ତାଲିମ୍ ଏବଂ ସୂଚନା

ସମବାୟ ତାର ସମସ୍ତ ସଭ୍ୟ, ପରିଷଦର ନିର୍ଦ୍ଦେଶକ, କର୍ମଚାରୀ ତଥା ଅନ୍ୟାନ୍ୟ କର୍ମୀ ଯେଉଁମାନେ ସେମାନଙ୍କ ସହିତ କାମ କରନ୍ତି ସେମାନଙ୍କର ଉଦ୍ଦେଶ୍ୟ ଓ କାର୍ଯ୍ୟସମୂହ ବିଷୟରେ ସଚେତନ ଥିବା ନିଶ୍ଚିତ କରାଇବା।

ଲଗାତର ଶିକ୍ଷା ତାଲିମ୍ ଦ୍ୱାରା କ୍ଷୁଦ୍ରପୁସ୍ତିକା, ପୋଷ୍ଟର, ଭିଡିଓ ଓ ଅନ୍ୟାନ୍ୟ ଯୋଗାଯୋଗ ମାଧ୍ୟମରେ ଏହା କରିବା ଆବଶ୍ୟକ। ଏହି ନୀତି ମଧ୍ୟ ସମବାୟ ସମିତି ସାଧାରଣ ଜନତା, ସ୍ୱତନ୍ତ୍ରଭାବେ ଯୁବକ ଏବଂ ମତ ଦେଉଥିବା ନେତୃବୃନ୍ଦଙ୍କୁ ସେମାନଙ୍କର ଲାଭ ଓ କାର୍ଯ୍ୟ ବିଷୟରେ ଜଣାଇବା ନିମନ୍ତେ ଆଶା କରିଥାଏ। ବଜାରରେ ସମବାୟମାନଙ୍କର ଉପଯୁକ୍ତ ସ୍ଥାନ ନିଶ୍ଚିତ କରିବା, ବ୍ୟବସାୟ ଆକାରରେ ସେମାନେ କରୁଥିବା ଯୋଗଦାନ ସମ୍ପର୍କରେ ନୀତି ନିର୍ଦ୍ଧାରକ ଓ ଅନ୍ୟମାନେ ବୁଝିବା ଉଚିତ୍।

## ନୀତି-୬ ସମବାୟ ସମିତିମାନଙ୍କ ମଧ୍ୟରେ ସହଯୋଗ

ଅସ୍ୱାସ୍ଥ୍ୟକର ବଜାର ପ୍ରତିଯୋଗିତା ମାଧ୍ୟମରେ କିଛି ଲୋକଙ୍କର ବ୍ୟକ୍ତିଗତ ସମ୍ପତ୍ତି ବଢ଼ାଇବା ବଦଳରେ ସମବାୟମାନେ ଅନ୍ୟ ସମବାୟମାନଙ୍କ ସହ ସହଯୋଗ କରି ବହୁତ ଲୋକଙ୍କ ପାଇଁ ସମ୍ପତ୍ତି ସୃଷ୍ଟି କରିପାରିବେ। ସଦସ୍ୟମାନେ କେବଳ ନିଜ ସମବାୟର କାର୍ଯ୍ୟକ୍ରମରୁ ଲାଭବାନ୍ ହୋଇ ନ ଥାନ୍ତି ମାତ୍ର ଅନ୍ୟ ସମବାୟ ସହ ବ୍ୟବସାୟିକ ସମ୍ପର୍କର ପ୍ରଭାବରୁ ମଧ୍ୟ ଅଧିକ ଲାଭବାନ୍ ହୋଇଥାନ୍ତି ।

ଏକାଠି କାମ କରିବା ଦ୍ୱାରା, ସମବାୟ ସମିତି ଲାଭବାନ ହୋଇଥାଏ ଯଥା; ବିଶେଷ ଜ୍ଞାନ, ବ୍ୟବସାୟିକ ବୃଦ୍ଧି ଓ ସଚେତନତା ବୃଦ୍ଧି, ଦୀର୍ଘସ୍ଥାୟିତ୍ୱ ଓ ପ୍ରଭାବ ବିଶେଷ କରି ଯେଉଁଠି ନିର୍ଦ୍ଦିଷ୍ଟ ଖର୍ଚ୍ଚ ଓ ସମ୍ବଳ ସବୁ ମିଳିତଭାବେ ବହନ କରାଯାଇଥାଏ।

ଗୋଟିଏ ସଙ୍ଗଠନ ଏକୁଟିଆ ତାର ସମସ୍ତ ସଭ୍ୟଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ସମର୍ଥ ହୋଇ ନଥାଏ । ଏହି କ୍ଷେତ୍ରରେ ଅନ୍ୟ ମାନଙ୍କ ମଧ୍ୟରେ ଉତ୍ତମ ସଂପର୍କ ତଥା ସହଯୋଗ ରଖି ବ୍ଲକ୍, ରାଜ୍ୟ, ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରିଥାନ୍ତି । ଉଦାହରଣସ୍ୱରୂପ; ଗୋଟିଏ ସମବାୟ ତା'ର ବଳକା ପାଣ୍ଠିକୁ ଆବଶ୍ୟକ କରୁଥିବା ଅନ୍ୟ ଏକ ସମବାୟକୁ ଧାର ଆକାରରେ ଦେଇପାରେ, ଗୋଟିଏ ସମବାୟ ଅଧିକ ଧାନ ବିହନ ଉତ୍ପାଦନ କରୁଛି ଓ ଅନ୍ୟ ଏକ ସମବାୟ ଯହାର ସଭ୍ୟମାନଙ୍କର ଧାନ ବିହନ ବହୁତ ଆବଶ୍ୟକତା ଅଛି ତାକୁ ଯୋଗାଇପାରେ।

## ନୀତି -୭ ଗୋଷ୍ଠି ପାଇଁ ଦରଦୀ ମନୋଭାବ

ସମବାୟ ସମିତି କେବେ ହେଲେ ଚାହେଁ ନାହିଁ ଯେ ଗୋଷ୍ଠିର କ୍ଷତି ହେଉ । ଏହି ନୀତି ଦର୍ଶାଇଥାଏ, ସମବାୟର ଦାୟିତ୍ୱ ହେଉଛି, ଜୈବ ବିବିଧତାରେ ସନ୍ତୁଳନ, ସାମାଜିକ ନ୍ୟାୟ ଏବଂ ଆର୍ଥିକ ସୁରକ୍ଷା ପାଇଁ କାମକରିବା। ଉଦାହରଣ, ଯଦି ସମବାୟ ଅତିରିକ୍ତ ଭାବରେ କୃଷକଙ୍କୁ କୀଟନାଶକ ଔଷଧ ଯୋଗାଇଥାଏ, ଏହାର କୁପ୍ରଭାବ ପରିବେଶ ଉପରେ ପଡିଥାଏ। ସେହିପରି ସମବାୟ ଭୂତଳ ଜଳ ପାଇଁ ପ୍ରଚୁର ପରିମାଣରେ ନଳକୂଅ ଖୋଳିବା ପାଇଁ ସଭ୍ୟମାନଙ୍କୁ ଋଣ ଦିଏ ଏବଂ ଭୂତଳ ଜଳ ନିମ୍ନମୁଖୀ ହୋଇଥାଏ। ଏହା ସଭ୍ୟମାନଙ୍କୁ କ୍ଷତି ପହଞ୍ଚାଇଥାଏ। ତେଣୁ ସମବାୟ ସମିତିମାନେ ତାଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ନୀତିସମୂହ ଦ୍ୱାରା ଏହି ନୀତିକୁ ବଜାୟ ରଖିବା ଉଚିତ୍।

# ଶେଷ ମୂଲ୍ୟାୟନ

ଦୟାକରି ମନେ ପକାନ୍ତୁ ଯେ, ଏହି ପେଟିକାର ପ୍ରାରମ୍ଭରେ ଆମେ ଏକ ପ୍ରାରମ୍ଭିକ ମୂଲ୍ୟାୟନ କରିଥିଲେ ଯେଉଁଥିରେ ଆମେ କିଛି ମୌଳିକ ପ୍ରଶ୍ନର ଉତ୍ତର ଭଲଭାବେ ଦେଇଥିଲେ । ବିଷୟ ଥିଲା –"କୃଷକ ଉତ୍ପାଦକ ସଙ୍ଗଠନ - ପରିଚୟ ଓ ପ୍ରାସଙ୍ଗିକତା" ।

ବର୍ତ୍ତମାନ, ଆମେ ଉପରୋକ୍ତ ବିଷୟବସ୍ତୁର ଆଲୋଚନାର ଶେଷରେ ପହଞ୍ଚିଛେ ଏବଂ ଏଠାରେ ଶେଷ ମୂଲ୍ୟାୟନ ପାଇଁ କିଛି ପ୍ରଶ୍ନ ଦିଆଯାଇଛି । ଏହି ଶିକ୍ଷଣ ପେଟିକାରେ ଭାଗନେବା ପରେ ଆମ ଅତିରିକ୍ତ ବୁଝାମଣାର ମୂଲ୍ୟାୟନ କରିବା । ଏହା ଶେଷ ମୂଲ୍ୟାୟନର ଉଦ୍ଦେଶ୍ୟ ଅଟେ । ଏହି ପେଟିକାରେ ଆମେ ଆମର ଶିକ୍ଷଣ ଉପରେ ଆଧାରିତ କେତେକ ପ୍ରଶ୍ନ ରଖିଛୁ ?

**୧. କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?**

**୨. କୃଷକ ଉତ୍ପାଦକ ସଙ୍ଗଠନର ଉପକାରୀତା କ'ଣ ?**

**୩. କୃଷକ ଉତ୍ପାଦକ ସଙ୍ଗଠନର ମୁଖ୍ୟ ବୈଶିଷ୍ଟ୍ୟ ସବୁ କ'ଣ ?**

**୪. କୃଷକ ଉତ୍ପାଦକ ସଙ୍ଗଠନ କିପରି ସ୍ୱୟଂଚାଳିତ ଏବଂ ସ୍ୱାଧିନଭାବରେ ପରିଚାଳିତ ହେବ ?**

**୫. ଗଣତାନ୍ତ୍ରିକ ନିୟନ୍ତ୍ରଣ କିପରି କରାଯାଏ ?**

# ଏହି ପେଟିକାର ମୁଖ୍ୟ କାର୍ଯ୍ୟସମୂହ
# କୃଷକ ଉତ୍ପାଦକ ସଙ୍ଗଠନର ପରିଚୟ ଏବଂ ପ୍ରାସଙ୍ଗିକତା

ଏହି ପେଟିକାରୁ ଆମ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ କ'ଣ କ'ଣ ମୁଖ୍ୟ କାର୍ଯ୍ୟସମୂହ ହୋଇପାରିବ, ଆସ ତାଲିକା କରିବା "କୃଷକ ଉତ୍ପାଦକ ସଙ୍ଗଠନର ପରିଚୟ ଏବଂ ପ୍ରାସଙ୍ଗିକତା"

# ଟିପ୍ପଣୀ

## ବ୍ୟବସାୟିକ ଉଦ୍ୟୋଗ

ଉତ୍ପାଦନ ପୂର୍ବ, ଉତ୍ପାଦନ ସମୟରେ ଓ ଉତ୍ପାଦନ ପରେ ସହାୟତା ପ୍ରଦାନ



## ସ୍ୱୟଂଶାସିତ ଏବଂ ଆତ୍ମନିର୍ଭରଶୀଳ

କୃଷକମାନଙ୍କର ନିଜସ୍ୱ ଘରୋଇ ଉଦ୍ୟୋଗ





## ଆନୁଷ୍ଠାନିକ ସଂଗଠନ

ପଞ୍ଜିକୃତ, ଆଇନ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ, କର୍ମଚାରୀ ଏବଂ ବ୍ୟବସ୍ଥା




# କୃଷକ ଉତ୍ପାଦକ ସଙ୍ଗଠନର ବୈଶିଷ୍ଟ୍ୟସମୂହ



## ସଭ୍ୟମାନଙ୍କ ମାଲିକାନା

ସଭ୍ୟମାନଙ୍କ ମାଲିକାନା ବ୍ୟବହୃତ ଓ ନିୟନ୍ତ୍ରିତ ସଦସ୍ୟମାନଙ୍କୁ ଆବଶ୍ୟକୀୟ ସେବା ଯୋଗାଇଦେବା




## ସଦସ୍ୟମାନଙ୍କ ଦ୍ୱାରା ସମାନ ଅର୍ଥପ୍ରଦାନ

ସଦସ୍ୟମାନେ ଅର୍ଥ ପ୍ରଦାନ କରିବା



## ସ୍ୱ-ଶାସନ ବ୍ୟବସ୍ଥା

ସଦସ୍ୟମାନଙ୍କର ଦ୍ୱାରା ନିର୍ବାଚିତ ହୋଇଥିବା ବୋର୍ଡର ନିର୍ଦ୍ଦେଶକମାନଙ୍କ ଦ୍ୱାରା ଶାସନ କରିବା



## ଗଣତାନ୍ତ୍ରିକ ପଦ୍ଧତିରେ ନିୟନ୍ତ୍ରଣ

ଗୋଟିଏ ସଦସ୍ୟ, ଗୋଟିଏ ଭୋଟ୍




## ଏପିମାସ୍ ସମ୍ପର୍କରେ

ଏପିମାସ୍ ଏକ ଅଣ-ଲାଭଦାୟକ ଜାତୀୟ ସ୍ତରୀୟ ସାଧନ ଅନୁଷ୍ଠାନ, ଯିଏ କି ଲୋକସଙ୍ଗଠନମାନଙ୍କର ସଶକ୍ତିକରଣ ପାଇଁ କାର୍ଯ୍ୟ କରେ। ସେଗୁଡିକ ହେଲା ମହିଳା ସ୍ୱୟଂ ସହାୟକ ଦଳ (ଏସଏଚଜି), ସ୍ୱୟଂ ସହାୟକ ଦଳର ସଂଘ, କୃଷକ ଉତ୍ପାଦକ ସଙ୍ଗଠନ ଏବଂ ଅନ୍ୟାନ୍ୟ ଗୋଷ୍ଠିଭିତ୍ତିକ ସଙ୍ଗଠନ। ନିଜେ ନିଜକୁ ସହାୟତା, ସମୂହ ଲାଭ, ନିଜର ଦାୟିତ୍ୱବୋଧତା ଏବଂ ଆତ୍ମନିର୍ଭରଶୀଳତା ସଙ୍ଗଠନର ଉପଦେଷ୍ଟା ମୂଲ୍ୟବୋଧକୁ ବିଶ୍ୱାସ ଏବଂ ଅଭ୍ୟାସ କରେ।





## ଜାଗୃତି - ପରିଚୟ ଏବଂ ପ୍ରାସଙ୍ଗିକତା
## କୃଷକ ଉତ୍ପାଦକ ସଙ୍ଗଠନ

କୃଷକ ଉତ୍ପାଦକ ସଙ୍ଗଠନ ଇନକ୍ୟୁବେସନ କେନ୍ଦ୍ର ହେଉଛି ଏପିମାସ୍ ଦ୍ୱାରା ପ୍ରୋତ୍ସାହିତ ଏକ କୃଷକ ଉତ୍ପାଦକ ସଙ୍ଗଠନକୁ ଇନକ୍ୟୁବେସନ ଏବଂ ପୋଷଣ ସହାୟତା ଯୋଗାଇବା ପାଇଁ କୃଷକ ଉତ୍ପାଦକ ସଙ୍ଗଠନଗୁଡିକ ଏବଂ କୃଷକ ଉତ୍ପାଦକ ସଙ୍ଗଠନକୁ ପ୍ରୋତ୍ସାହନ ତଥା ସହାୟତା ସଂସ୍ଥାର ସହଭାଗିତାରେ ଏହି ସଂସ୍ଥାଗୁଡିକର ବିକାଶ ଏବଂ ସ୍ଥାୟୀ ଉଦ୍ୟୋଗରେ ବିକାଶ କରିବା। ଏହି ଅନୁଷ୍ଠାନ ଗୁଡିକର ବିକାଶ ତଥା ମଜବୁତ କରିବା ପାଇଁ ଯେପରିକି ଦର୍ଶନ, ଆଇନଗତ ନିୟମ, ପରିଚାଳନା, ଶାସନ ଏବଂ ଦକ୍ଷତା ବିକାଶ ଇତ୍ୟାଦି ସେବା ପ୍ରଦାନ କରିଥାଏ । ଏହା ବ୍ୟବସାୟିକ ବିକାଶ ସେବା ଯେପରିକି ବ୍ୟବସାୟ ଯୋଜନା, ଆର୍ଥିକ ସମନ୍ୱୟ, ବିପଣନ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟରେ ସମ୍ଭାବନା ବିକାଶରେ ବୈଷୟିକ ସହାୟତା ପ୍ରଦାନ କରିଥାଏ।

ସହାୟତା
DGRV

ଅନୁବାଦ
cysd
Enable-Empower-Include

ପ୍ରକାଶନ
apmas